ବର୍ଷ-୯
ସଂଖ୍ୟା-୧୪୬
ତା.୧୩ ଜୁଲାଇ ୨୦୨୨
ବୁଧବାର, ପୃଷ୍ଠା-୮,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ ଓଡିଆ ଲେଖକ ଡକ୍ଟର ସାଗର ପ୍ରଧାନ




PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-146
Date:13, July 2022
Wednesday, Page-8, Rs-2/-
POSTAL Regd.No.10120(K)/17/2018-21



ସରକାରୀ କର୍ମଚାରୀ ପାଇଁ ବଢିଲା ଗୃହ ନିର୍ମାଣ ଋଣ ସହାୟତା

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# ନିଳକନ୍ଦରକୁ ବିଜେକଲେ ନୀଳାଦ୍ରିନାଥ

## ରସଗୋଲା ଦେଇ ମା ଲକ୍ଷ୍ମୀଙ୍କ ମାନଭଞ୍ଜନ



ପୁରୀ, ୧୨ ଜୁଲାଇ : ବାର ଦିନର ଲୀଳାଖେଳା ସାରି ଆଜି ନିଳକନ୍ଦରକୁ ନୀଳାଦ୍ରିନାଥ ବିଜେ କରିଛନ୍ତି । ଭକ୍ତଙ୍କ ଗହଣରେ ଭାବଗ୍ରାହୀ ଆନନ୍ଦଉଲ୍ଲାସର ସହ ହଲି ହଲି ଝୁଲି ଝୁଲି ପହଣ୍ଡ ପକାଇ ଶ୍ରୀମନ୍ଦିର ଗୁମୁଟକୁ ଫେରିବାର ଦୃଶ୍ୟ ଅତି ମନୋରମ ହୋଇଥିଲା । ପାଗ ଅନୁକୂଳ ଥିବା ସହ ଇନ୍ଦ୍ରଦେବ ମଝିରେ ମଝିରେ ପୁଷ୍ପବୃଷ୍ଟି ପରି ଝିପି ଝିପି ବର୍ଷା ହେଉଥିଲା । ପ୍ରଭୁ ବଳଭଦ୍ର, ମା ସୁଭଦ୍ରା ସିଂହାସନରେ ବିଜେ କରିଥିଲେ । ନଟିଆ ହଟିଆ ଠାକୁର ଯିବା ସମୟରେ ସିଂହଦ୍ୱାର ଓ ସାତପାହଚରେ ମା ଲକ୍ଷ୍ମୀ ଅଟାକାଇ ଥିଲେ । ମା ଲକ୍ଷ୍ମୀଙ୍କ ସେବାୟତ ଓ ଶ୍ରୀଜଗନ୍ନାଥଙ୍କ ସେବାୟତଙ୍କ ମଧ୍ୟରେ ମଧୁର ବାଚନିକ କଳି ହୋଇଥିଲା । ଶେଷରେ ଅଭିମାନି ସିନ୍ଧୁନନ୍ଦନୀ ମା ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବା ପରେ ଗଇଁଠାଳ ଫିଟିଥିଲା । ପରେ ପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ । ଗୋଟି ପହଣ୍ଡିରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବାହୁଡ଼ିଥିଲେ । ରଥ ଉପରେ ବିଭିନ୍ନ ନୀତି ସମାପନ ପରେ ସଂଧାଧୂପ କରାଯାଇଥିଲା । ପରେ ପରେ ଚାଳମାଳ ବନ୍ଧା ଯାଇଥିଲା । ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଡ଼ୋରି ଲାଗି ନୀତି ସମାପନ ହୋଇଥିଲା । ପୁଷ୍ପାଳକ ମହାଜନମାନେ ମଦନ ମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣିଘରକୁ ବିଜେ କରାଇଥିଲେ । ପରେ ଶ୍ରୀ ସୁଦର୍ଶନ,ଶ୍ରୀବଳଭଦ୍ର ମା ସୁଭଦ୍ରା ଗୋଟି ପହଣ୍ଡିରେ ଗମ୍ଭୀରାକୁ ବିଜେ କରିଥିଲେ । ପହଣ୍ଡି ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଇଥିଲା । ଅହରନିଶି ଦୀପ ଜଳୁଥିବା ଅଖଣ୍ଡ ଗଇଠା ବସିଥିଲା । ଶୁଆସାରୀ ଦେଉଳ ଠାରେ ପ୍ରସାଦଲାଗି,ଘଷା,ବିଡ଼ିଆ ମଣୋହି ଓ ବନ୍ଦାପନା କରାଯାଇଥିଲା । ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାରମାଳ ନିକଟକୁ ଆସିବା ପରେ ଶ୍ରୀମନ୍ଦିରରୁ ମା ଲକ୍ଷ୍ମୀ ଭେଟ ମଣ୍ଡପକୁ ଆସିଥିଲେ । ସେଠାରେ ଶ୍ରୀଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ଭେଟ ହୋଇଥିଲେ । ସିଂହଦ୍ୱାରରେ ପହଞ୍ଚିବା ପରେ କିଛି ସମୟ ଦ୍ୱାର ବନ୍ଦ ହୋଇଥିଲା । ପରେ ଖୋଲିଥିଲା । ଜୟବିଜୟ ଦ୍ୱାରକୁ ଯିବା ସମୟରେ ଦ୍ୱାର ଭିତରପଟୁ ବନ୍ଦ କରାଯାଇଥିଲା । ଭିତରପଟୁ ଲକ୍ଷ୍ମୀଙ୍କ ସେବାୟତ ଓ ବାହାରପଟୁ ଦଇତାପତି ସେବାୟତ ମଧ୍ୟରେ ବଚନିକା ହୋଇଥିଲା । ପରେ ମହାପ୍ରଭୁ ଭିତରକାଠ ଭଣ୍ଡାରଘର ଠାରେ ପହଞ୍ଚିବା ପରେ ରୁକ୍ମଣୀ ବିହାହ ସମୟର କଇଁଠାଳ ଫିଟିବା ଓ ବନ୍ଦାପନା ସହ ରସଗୋଲା ଭୋଗ ଭିତିରଛୁ ମହାପାତ୍ରଙ୍କ ଦ୍ୱାରା ସମାହିତ ହୋଇଥିଲା । ଘଷା ବିଡ଼ିଆ ମଣୋହି ସରିବା ପରେ ମହାପ୍ରଭୁ ରତ୍ନ ସିଂହାସନକୁ ବିଜେ କରିଥିଲେ । ପହଣ୍ଡି ସମୟରେ ଘଂଟୁଆଙ୍କ ଘଂଟନାଦ ସହ ପ୍ରଭୁ ଝୁଲି ଝୁଲି ପହଣ୍ଡିରେ ଯାଇଥିଲେ । ହରିବୋଲ, ହୁଳହୁଳି ସହ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ ସିଂହଦ୍ୱାର କମ୍ପିଥିଲା । କିଛିବର୍ଷ ପୂର୍ବେ ବାଣ ଆତସବାଜି ଫୁଟୁଥିଲା ଏବେ ତାହା ବନ୍ଦ କରାଯାଇଛି । ଆସନ୍ତାକାଲି ଭକ୍ତମାନେ ନିଳାଚଳ ଅବଢା ପାଇପାରିବେ । ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ ତଦାରଖ କରାଯାଇଥିଲା ।

# ଏଣିକି କାଗଜପତ୍ର ଥିଲେ ବି କଟିବ ଫାଇନ୍




ଭୁବନେଶ୍ୱର , ଜୁଲାଇ ୧୨: ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଯାହାଫଳରେ ଟ୍ରାଫିକ୍ ନିୟମ ଆପଣମାନେ ମାନି ନିଜ ଜୀବନକୁ ସୁରକ୍ଷିତ ରଖିପାରିବେ । ତେବେ ବେପରୁଆ ଲୋକଙ୍କ ପାଇଁ ଜରିମାନାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଯେପରି କି ଦୃତଗତିରେ ଗାଡ଼ି ଚଳାଇବା,ଟ୍ରାଫିକ୍ ସିଗନାଲ ନମାନିବା ଆଦି ପାଇଁ ଜରିମାନାର ବ୍ୟବସ୍ଥା ରହିଛି । ତେବେ ଆପଣଙ୍କ ପାଇଁ ବର୍ତ୍ତମାନ ବଡ଼ ଖବର ଆସିଛି । ତାହା ହେଲା ଆପଣ ମାନେ ସବୁ ନିୟମ ମାନି ବି ଗଣିପାରନ୍ତି ତଣ୍ଡ । କାରଣ ମଟର ଭେଇକଲ ଆକ୍ଟ(ଏମ୍.ଭି.ଏ) ନିୟମ ଅନୁସାରେ, ଯଦି ଆପଣଙ୍କ ଗାଡ଼ି ଚେକିଂ ବେଳେ ଟ୍ରାଫିକ୍ ପୁଲିସକୁ କୌଣସି ପ୍ରକାରର ଦୁର୍ବ୍ୟବହାର କରୁଛନ୍ତି, ତେବେ ଆପଣଙ୍କ ନାଁରେ ଚାଲାଣ କାଟିପାରିବ ପୋଲିସ । ୧୭୯ ଏମ୍ଭିଏ ଆକ୍ଟରେ ଆପଣଙ୍କର ଚାଲାଣ କାଟିବାକୁ ଟ୍ରାଫିକ୍ ପୋଲିସଙ୍କୁ ଅଧିକାର ଦିଆଯାଇଛି । ତେଣୁ ଚେକିଂ ବେଳେ ଦୁର୍ବ୍ୟବାହର ମହଙ୍ଗା ପଡ଼ିପାରେ । ଚେକିଂ ବେଳେ ଟ୍ରାଫିକ୍ ପୋଲିସ ସହ ଯୁକ୍ତିତର୍କ କଲେ ଏଣିକି ଆପଣଙ୍କୁ ଦେବାକୁ ପଡ଼ିପାରେ ଫାଇନ୍ । ଯଦି ଆପଣ କୌଣସି କାରଣରୁ ବି ଅଯଥାରେ ଟ୍ରାଫିକ୍ ପୋଲିସ ସହ ଯୁକ୍ତି ତର୍କ କରନ୍ତି ତେବେ ଦେବାକୁ ପଡ଼ିପାରେ ଫାଇନ୍ ।

# ବାଲେଶ୍ୱରରେ ପ୍ରତିଷ୍ଠା ହେବ ଟଙ୍କା ଛପା କାଗଜ କଳ

ଭୁବନେଶ୍ୱର , ଜୁଲାଇ ୧୨: ବାଲେଶ୍ୱରରେ ପ୍ରତିଷ୍ଠା ହେବ ଟଙ୍କା ଛପା କାଗଜ କଳ । ଏଥିପାଇଁ ଆବଶ୍ୟକ ଭିତ୍ତିଭୂମିର ଯାଞ୍ଚ ଲାଗି ଆରବିଆଇର ପ୍ରତିନିଧି ଦଳ ବାଲେଶ୍ୱର ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବାଲେଶ୍ୱର ଗସ୍ତରେ ଆସି ସଦର ଓ ରେମୁଣା ତହସିଲ ଅଧୀନରେ ଥିବା କସବା, ପଦାବଡ଼ଗାଁ ବୁଲିଛନ୍ତି ପ୍ରତିନିଧି ଦଳ । ରେମୁଣାର ପଦାବଡ଼ଗାଁ, ବାଉଁଶମୁହାଁ ଓ ନରହରିପୁରରେ ସ୍ଥିତି ଅନୁଧ୍ୟାନ ବାଉଁଶମୁହାଁ ଓ ନରହରିପୁର ପ୍ରଭୃତି ଅଞ୍ଚଳ ବୁଲି ଦେଖିଛନ୍ତି । ଏହି ବୃହତ୍ ପ୍ରକଳ୍ପ ପାଇଁ ଦୁଇଟି ସ୍ଥାନରେ ପ୍ରାୟ ୧୦୦ଏକର ଜାଗାର ଆବଶ୍ୟକତା ରହିଛି । ଯଦି ସରକାରଙ୍କ ପକ୍ଷରୁ ଗୋଟିଏ ସ୍ଥାନରେ ୧୦୦ଏକର ଜାଗା ଯୋଗାଇଦିଆଯାଏ, ତେବେ ଭିନ୍ନ ଭିନ୍ନ ସ୍ଥାନରେ ପ୍ରକଳ୍ପ ପ୍ରତିଷ୍ଠା ନିଷ୍ପତ୍ତି ବଦଳାଯିବ । ଏହାସହ ଆବଶ୍ୟକ ଅନୁଯାୟୀ ସରକାରୀ ଜାଗା ନ ମିଳିଲେ ବ୍ୟକ୍ତି ବିଶେଷଙ୍କ ଜାଗାକୁ ମଧ୍ୟ ଅଧିଗ୍ରହଣ କରାଯାଇ ପ୍ରକଳ୍ପ ଚାଲୁ କରାଯାଇ ପାରିବ ବୋଲି ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ କହିଛନ୍ତି । ପ୍ରଥମେ ରିଜର୍ଭ ବ୍ୟାଙ୍କର ଏହି ପ୍ରତିନିଧି ଦଳ ସଦର ତହସିଲ ଅନ୍ତର୍ଗତ କସବା ଅଞ୍ଚଳକୁ ଯାଇ ଜାଗା ଦେଖିଥିଲେ । ରେମୁଣା ତହସିଲ ଅନ୍ତର୍ଗତ ଚଷାଖଣ୍ଡ ପଞ୍ଚାୟତର ପଦାଗାଁ ଅଞ୍ଚଳରେ ଥିବା ଏହିଜାଗା ବୁଲି ଦେଖିବା ପରେ ନରହରିପୁର ଓ ବାଉଁଶମୁହାଁ ଅଞ୍ଚଳର ଜାଗା ଦେଖିବା ପାଇଁ ଯାଇଥିଲେ ଆରବିଆଇର ପ୍ରତିନିଧି ଦଳ ।

# ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ମୌସୁମୀ ଅଧିବେଶନ



ଭୁବନେଶ୍ୱର,୧୨ ଜୁଲାଇ - ଆସନ୍ତାକାଲି (ବୁଧବାର)ଠାରୁ ଆରମ୍ଭ ହେଉଛି ବିଧାନସଭା ମୌସୁମୀ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ । ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ ହେବ। ୧୪ ତାରିଖରୁ ୨୮ ତାରିଖ ଯାଏ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ଯେଉଁ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହୋଇପାରିବନି, ତାହା ୨୯ ତାରିଖରେ ଗିଲୋଟିନ ଜରିଆରେ ପାରିତ ହେବ। ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଛନ୍ତି, ୩୦ ତାରିଖରେ ୨୦୨୨-୨୩ ଆର୍ଥିକ ବର୍ଷର ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ହେବ। ପ୍ରଶ୍ନକାଳ ସ୍ୱାଭାବିକ କରିବାକୁ ସବୁ ବିଧାୟକଙ୍କ ସହଯୋଗ ଲୋଡ଼ିଥିବା କହିଛନ୍ତି ବାଚସ୍ପତି। ସେହିପରି ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ଯାହା କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି, ସେହି ଅନୁସାରେ ସବୁ କାର୍ଯ୍ୟକ୍ରମ ହେବ। ବିରୋଧୀ ଦଳ ଯେଉଁ ପ୍ରସଙ୍ଗ ଉଠାଇବେ, ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ବିରୋଧୀ ଦଳ ମୁଲତବୀ ପ୍ରସ୍ତାବ ଆଣିଲେ ମଧ୍ୟ ଆଲୋଚନା କରାଯିବ।

# ଅଟୋକୁ କାର ପିଟିଲା ୩ ମୃତ, ୫ ଆହତ



ବଲାଙ୍ଗିର, ୧୨ ଜୁଲାଇ : ଆଜି ସକାଳ ପ୍ରାୟ ୬ ଟା ସମୟରେ ସୋନପୁର - ବଲାଙ୍ଗିର ଜାତୀୟ ରାଜପଥର ଖାରୀ ଗାଁ ନିକଟ ବେଲବାହାଳି ଛକରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଅଟୋ ନମ୍ବର ଓଡି୦୩-୩୬୮୨, ୭ ଜଣ ପରିବା ଚାରା ବେପାରିଙ୍କୁ ନେଇ ସୋନପୁର ଯାଉଥିଲା ବେଳେ ଏହି ଛକରେ ରାସ୍ତା କଡରେ ଅଟକି ଥିବା ବେଳେ ପୁରୀରୁ ରଥଯାତ୍ରା ଡ୍ୟୁଟି ସାରି ବଲାଙ୍ଗିର ଆସୁଥିବା କାର୍ ନମ୍ବର ଓଡି୧୬-ଜେ୧୩୫୫ ଦ୍ରୁତ ଗତିରେ ଆସି ଅଟୋକୁ ଧକ୍କା ଦେଇଥିଲା। ରାସ୍ତା କଡରେ ବାଇକ୍ ରେ ଥିବା ବେଲବାହାଳିର ପଙ୍କଜ ମିଶ୍ରଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ୩ ଜଣ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅଟୋ ରିକ୍ସା ଚାଳକ ସାଗରପାଲିର ଲକ୍ଷ୍ମୀକାନ୍ତ ପ୍ରଧାନ(୩୫) ଙ୍କ ସମେତ ୪ ଜଣ ଗୁରୁତର ହୋଇଥିଲେ। ବାଇକ ଚାଳକଙ୍କୁ ମିଶାଇ ଦୁର୍ଘଟଣାରେ ମୋଟ ୫ ଜଣ ଆହତ ହୋଇଥିଲେ। ଖବର ପାଇ ତରଭା ପୁଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି। ତରଭା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଆହତ ମାନଙ୍କୁ ଉଦ୍ଧାର କରିଛି। ଆହତ ଡ୍ରାଇଭରକୁ ଚିକିତ୍ସା ନିମନ୍ତେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତି କରାଯାଇଛି। ଅନ୍ୟମାନଙ୍କୁ ସୋନପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତି କରାଯାଇଛି। ଏ ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ପାରିନାହିଁ। ମୃତକଙ୍କ ମଧ୍ୟରେ ଜଣେ ମହିଳା ଏବଂ ଦୁଇ ଜଣ ପୁରୁଷ ଥିଲାବେଳେ ଆହତ ୫ ଜଣଙ୍କ ମଧ୍ୟରେ ଜଣେ ମହିଳା ଓ ୪ ଜଣ ପୁରୁଷ ରହିଛନ୍ତି। ପୁଲିସ ଆସୁଥିବା ଗାଡିରେ ସ୍ମିତାରାଣୀ ସୁନା ପୁଲିସ ଇନ୍ସପେକ୍ଟର ନାମ ଲେଖାଥିବା ୟୁନିଫର୍ମ ମିଳିଛି ସେ ଆଘାତପ୍ରାପ୍ତ ହୋଇଛନ୍ତି କି ତାହା ଜଣାପଡିନାହିଁ।

### ମୃତକମାନଙ୍କ ପାଇଁ ୨ଲକ୍ଷ ଟଙ୍କା ସହାୟତା ଘୋଷଣା

ଭୁବନେଶ୍ୱର, ୧୨ ଜୁଲାଇ - ବଲାଙ୍ଗୀର-ସୋନପୁର ରୋଡ଼ର ବଡ଼ବାହାଲୀ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୩ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ବଡ଼ବାହାଲୀ ଠାରେ ଘଟିଥିବା ଏହି ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୩ ଜଣ ମଧ୍ୟ ଆହତ ହୋଇଛନ୍ତି । ଆହତ ମାନଙ୍କୁ ତୁରନ୍ତ ମାଗଣାରେ ଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ପ୍ରତ୍ୟେକ ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କ ପରିବାରର ସଦସ୍ୟମାନଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି ।

# ରୁଚିକା ଆତ୍ମହତ୍ୟା ମାମଲା : ରାଗିଂ ନେଇ ସୁରାକ ମିଳିନି : ଡିସିପି



ଭୁବନେଶ୍ୱର,୧୨ ଜୁଲାଇ - ବିଜେବି କଲେଜ ଛାତ୍ରୀ ରୁଚିକା ଆତ୍ମହତ୍ୟା ମାମଲାରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ। ରୁଚିକାଙ୍କୁ ରାଗିଂ ନେଇ କିଛି ସୁରାକ ମିଳିନଥିବା କହିଛନ୍ତି ଡିସିପି। କଲେଜରେ ରାଗିଂ ହେବା ନେଇ କେହି ସ୍ୱୀକାର କରିନାହାନ୍ତି। କଲେଜରେ ରାଗିଂ ହେଉଥିବା ନେଇ କୌଣସି ପିଲା କହିନାହାନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି କହିଛନ୍ତି ଯେ ଏପର୍ଯ୍ୟନ୍ତ ୧୯୮ ଜଣ ଛାତ୍ରୀଙ୍କୁ ପଚରାଉଚରା କରିଛୁ । ରୁଚିକାଙ୍କ ସାଙ୍ଗ , ସମ୍ପର୍କୀୟଙ୍କ ସମେତ ହଷ୍ଟେଲ ଓ କଲେଜ ଷ୍ଟାଫ୍ ଙ୍କୁ ପଚରାଉଚରା କରାଯାଇଛି। ରୁଚିକାଙ୍କ ମୋବାଇଲରୁ ତଥ୍ୟ ସଂଗ୍ରହ କରାଯାଉଛି । ଡାଟା ଯେପରି ଡିଲେଟ ନହୋଇ ଫୋନ ଖୋଲିବ ସେ ଦିଗରେ ଚେଷ୍ଟା କରୁଛୁ । ସେଥିପାଇଁ ମୋବାଇଲକୁ ସିଙ୍ଗାପୁର ପଠାଯାଇଛି । ଅପରପକ୍ଷରେ ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ପାଇଁ ତାଙ୍କ ପରିବାର ଲୋକ ଆଜି ଲୋୟର ପିଏମଜିରେ ଧାରଣା ଦେଇଛନ୍ତି । ରୁଚିକାଙ୍କ ମା ବିଦ୍ୟୁତ ଲତା ମହାନ୍ତି ଧାରଣାରେ ବସିଛନ୍ତି । ଗତକାଲି ବିଜେବି କଲେଜ ସମ୍ମୁଖରେ ପ୍ରତିବାଦ କରୁଥିବା ବେଳେ ପୋଲିସ ରୁଚିକାଙ୍କ ମାଆଙ୍କ ସହ ଅନ୍ୟ ବିକ୍ଷୋଭକାରୀମାନଙ୍କୁ ଉଠାଇ ନେଇଥିଲା ।

# ୯ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୨ ଜୁଲାଇ - ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ସୁଦୃଢ଼ -ଲଘୁଚାପ କ୍ଷେତ୍ର ରୂପରେ ଦକ୍ଷିଣ ଓଡିଶା ଉପକୂଳ ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିଛି ଏବଂ ଏହା ସହିତ ଜଡିତ ଘୁର୍ଣ୍ଣିବଳୟ ବାୟୁମଣ୍ଡଳର ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଛି । ଏହାର ପ୍ରଭାବରେ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ୯ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ଏବଂ ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ।

# ଧରାପଡ଼ିଲେ ଲେଡି ଇନ୍ସପେକ୍ଟର, ଗିରଫ ହେଲେ ଡ୍ରାଇଭର



ସୋନପୁର ୧୨ ଜୁଲାଇ : ବଲାଙ୍ଗିରରୁ ଧରାପଡ଼ିଲେ ଲେଡି ଇନ୍ସପେକ୍ଟର ସ୍ମିତାରାଣୀ ସୁନା। ଗିରଫ ହୋଇଛି ଦୁର୍ଘଟଣା ଘଟାଇଥିବା କାର ଡ୍ରାଇଭର ଅଜୟ ଜେଠୀ। ଉଭୟଙ୍କୁ ବଲାଙ୍ଗିରରୁ ଧରି ସୋନପୁର ନେଉଛି ପୁଲିସ୍। ପୁରୀରୁ ସୁନାବେଶ ଡ୍ୟୁଟି ସାରି ଫେରିବା ବେଳେ ଘଟିଥିଲା ମର୍ମନ୍ତୁଦ ଦୁର୍ଘଟଣା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ହୋଇଥିଲେ। ଇନ୍ସପେକ୍ଟର ସୁନାଙ୍କ ନାଁରେ ଥିବା କାର ଦୁର୍ଘଟଣା ଘଟାଇଥିଲା। ମଙ୍ଗଳବାର ଭୋର ପ୍ରାୟ ୪ଟା ବେଳେ ବଲାଙ୍ଗିର ଜିଲ୍ଲା ରାଘବପାଲିରୁ ଅଟୋରେ ପରିବା ଧରି ୮ ଜଣ ବ୍ୟବସାୟୀ ସୋନ୍ପୁର ହାଟକୁ ଆସୁଥିଲେ। ସେମାନେ ୫୭ ନମ୍ବର ଜାତୀୟ ରାଜପଥର ବଡ଼ବାହାଲି ଛକରେ ଅଟକ ଜଣେ ବାଇକ୍ ଚାଳକ ସହିତ କଥା ହେଉଥିଲେ। ଠିକ୍ ଏହି ସମୟରେ ସମ୍ମୁଖରୁ ଆସୁଥିବା କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ପରିବା ବୋଝେଇ ଅଟୋରେ ବସିଥିବା କୁଆବତୀ ନାୟକ, ସତ୍ୟ ପ୍ରଧାନ ଓ ପ୍ରାଣନାଥ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିଲା। ବାଇକ୍ ଚାଳକ ଓ ଅଟୋରେ ଥିବା ୬ ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ବାଇକ୍ ଚାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାକୁ ଭୀମଭୋଇ ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍କୁ ସ୍ଥାନାନ୍ତରିତ କରାଯାଇଛି। ସେପଟେ ଦୁର୍ଘଟଣା କାର ଛାଡ଼ି ଚାଳକ ଫେରାର ହୋଇଯାଇଥିଲା। କାର ଭିତରେ ପୁଲିସ୍ ୟୁନିଫର୍ମ ମିଳିଥିଲା। ଯେଉଁଥିରେ ଇନ୍ସପେକ୍ଟର ସ୍ମିତାରାଣୀ ସୁନାଙ୍କ ନାଁ ଲେଖାଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ମିତାରାଣୀ ସୁନାଙ୍କ ଗିରଫ ଦାବି କରିଥିଲେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ସୋନପୁର ଏସ୍ପି ଅମରେଶ ପଣ୍ଡା ଦୁର୍ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଉତ୍ୟକ୍ତ ଲୋକ ନିଜ ଜିଦ୍‌ରେ ଅଟଳ ରହିଥିଲେ। ମିଳିଥିବା ସୂଚନାରୁ ପ୍ରକାଶ, ସୁନ୍ଦରଗଡ଼ ଥାନାର ଇନ୍ସପେକ୍ଟର ହେଉଛନ୍ତି ସ୍ମିତାରାଣୀ ସୁନା। ସେ ପୁରୀରୁ ଡ୍ୟୁଟି କରି ଆଜି ଭୋରୁ ସମୟରେ ଫେରୁଥିଲେ। ହେଲେ ରାସ୍ତାରେ ତାଙ୍କ କାର ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ଡ୍ରାଇଭରଙ୍କ ସହିତ କାର ବାହାରି ପଳାଇ ଯାଇଥିଲେ। ସେ ବଲାଙ୍ଗିର ଜିଲ୍ଲା ସ୍ଥିତ ନଜ ଘରକୁ ପଳାଇ ଯାଇଥିଲେ। ସୋନପୁର ପୁଲିସ ତାଙ୍କୁ ଗାଁରୁ ଧରିଥିବା ଜଣାପଡ଼ିଛି।

# ‘ଅମିତ ଶାହ ଓ ବିଜେପିର ଯାତ୍ରା’ ପୁସ୍ତକର ଓଡ଼ିଆ ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର୧୨/୦୭ (ନି.ପ୍ର): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଉପରେ ଲିଖିତ ପୁସ୍ତକର ‘ଅମିତ ଶାହ ଓ ବିଜେପିର ଯାତ୍ରା’ ଉନ୍ମୋଚିତ ହୋଇଯାଇଛି । ଗତକାଲି ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ପୁସ୍ତକର ଓଡ଼ିଆ ସଂସ୍କରଣ ଉନ୍ମୋଚନ କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ, ପୁସ୍ତକଟି କେବଳ ଜଣେ ବ୍ୟକ୍ତିର ପ୍ରଶଂସା ପାଇଁ ନୁହେଁ ବରଂ ଗୋଟିଏ ବିଚାରଧାରା ଓ ଜଣେ କାର୍ଯ୍ୟକର୍ତ୍ତାର କାହାଣୀ । ସେ ଆହୁରି କହିଥିଲେ, ପୁସ୍ତକରେ ଶାହଙ୍କ ଜୀବନର ବିଭିନ୍ନ ଦିଗ ଓ ବିଜେପି ଯାତ୍ରାରେ ତାଙ୍କ ଅକଳ୍ପନୀୟ ଭୂମିକା ଉପରେ ଉଲ୍ଲେଖ କରାଯାଇଛି । ପୁସ୍ତକର ଓଡ଼ିଆ ସଂସ୍କରଣ ଓଡ଼ିଆ ଜୀବନ ଯାତ୍ରାର ଏକ ପ୍ରବକ୍ତା ହେବ ଓ ଜନମାନସରେ ଆଦୃତ ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ପ୍ରଧାନମନ୍ତ୍ରୀ ଓ ଅମିତ ଶାହଙ୍କ ବିଶେଷ ସମର୍ପଣ ଭାବ ଅଛି । ୧୯୮୪ ମସିହାରେ ଗୁଜୁରାଟର ଅହମ୍ମଦବାଦରେ ଏକ ଅଭାବନୀୟ ଘଟଣା ପରେ ମହାପ୍ରଭୁଙ୍କ ପ୍ରତି ଲୋକମାନଙ୍କ ଆସ୍ଥା କିପରି ଅତୁଟ ରହିବ, ତାହାର ମୁଖ୍ୟ ବିନ୍ଧାଣୀ ସାଜିଥିଲେ ମୋଦି ଓ ଶାହ । ସେହି ଘଟଣା ପରେ ଜନଆସ୍ଥା ପାଇଁ ଆଜି ପୃଥିବୀରେ ବିଜେପି ଏକ ସଶକ୍ତ ରାଜନୈତିକ ସଂଗଠନ ପାର୍ଟି ଭାବେ ଉଭା ହୋଇଛି । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହର ଗାଥା ଉଜ୍ଜିବୀତ କରିବା, ଓଡ଼ିଶା ଇତିହାସ ହିନ୍ଦୀରେ ଅନୁବାଦ କରିବା, ଇତିହାସ ପୃଷ୍ଠାରେ ଅନାଲୋଚିତ ଓଡ଼ିଆ ସଂଗ୍ରାମୀଙ୍କ ଇତିହାସକୁ ବଟବୃକ୍ଷର ରୂପ ଦେବା ପାଇଁ ଅମିତ ଶାହ ମୋତେ ବିଗତ ଦିନରେ ପରାମର୍ଶ ଦେଇଛନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ । ଶ୍ରୀ ପ୍ରଧାନ କହିଥିଲେ, ଅମିତ ଶାହ ଦେଶର ଜଣେ ବଳିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱ । ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବେଳେ ଓଡ଼ିଶାର ସଂଗଠନକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ପ୍ରତି ବ୍ଲକର କାର୍ଯ୍ୟକର୍ତ୍ତାଙ୍କ ସହ ଶାହ କଥା ହୋଇ ରଣନୀତି ପ୍ରସ୍ତୁତ କରୁଥିଲେ । ଓଡ଼ିଶାର ସଙ୍ଗଠନାତ୍ମକ ଶକ୍ତି ବୃଦ୍ଧି ସେହି ସମୟରେ ହୋଇଥିଲା । ରାଜ୍ୟରେ ବିଜେପି ତିନି ନମ୍ବରରୁ ଦୁଇ ନମ୍ବର ଦଳ ହୋଇଛି ଓ ବିରୋଧୀ ଦଳ ଭାବେ ସ୍ୱୀକୃତି ପ୍ରାପ୍ତ ନେତୃତ୍ୱ ମଧ୍ୟ ବିଜେପିକୁ ମିଳିଛି । ଏଥିରୁ ଶାହଙ୍କ ଓଡ଼ିଆ ଜନଜୀବନ ପ୍ରତି ଭଲ ପାଇବାର ପ୍ରମାଣ ଓ ଦୃଢ଼ ସଂଗଠକର କୃତିତ୍ୱକୁ ଦର୍ଶାଉଛି । ଧର୍ମେନ୍ଦ୍ର ଆହୁରି କହିଥିଲେ, ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ବଜାୟ ରଖିବାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପରେ ଶାହ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି । ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି ଦେଶକୁ ଏକୀକୃତ କରିବା ଓ ତିନି ତଲାକକୁ ବେଆଇନ ଘୋଷଣା କରିବା ଶାହଙ୍କ ନିର୍ଭୀକ ନେତୃତ୍ୱର ପରିଚୟ ଦିଏ । ଶାହଙ୍କ ସ୍ୱଷ୍ଟତା, ଦୃଢ ନିଷ୍ପତ୍ତି, ରାଜନୈତିକ ଇଚ୍ଛାଶକ୍ତି କାରଣରୁ ଦେଶର ଅନ୍ତରୀଣ ସୁରକ୍ଷା ସୁଦୃଢ଼ ହୋଇଛି । ଏସବୁ ବିଷୟରେ ଓଡ଼ିଶାରେ ଅଧିକ ଚର୍ଚ୍ଚା ହେବା ସହ ବିଜେପିର କାର୍ଯ୍ୟକର୍ତ୍ତା ଓ ଓଡ଼ିଆ ସମାଜ ‘ଅମିତ ଶାହ ଓ ବିଜେପିର ଯାତ୍ରା’ ପୁସ୍ତକକୁ ଅଧିକ ଅଧ୍ୟୟନ କରିବାକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ । ଶ୍ରୀ ପ୍ରଧାନ କହିଥିଲେ, ପ୍ରଧାନମନ୍ତ୍ରୀ ଓ ଶାହଙ୍କ ନେତୃତ୍ୱରେ ଆଜି ଗରିବ କଲ୍ୟାଣ ହିଁ ଶାସନର ମୂଳ କେନ୍ଦ୍ରବିନ୍ଦୁ ହୋଇଛି । ଶକ୍ତିଶାଳୀ ସଂଗଠନ ବା ଶାସନ ବ୍ୟବସ୍ଥା କେବଳ କ୍ଷମତାକୁ ଉପଭୋଗ କରିବା ନୁହେଁ ବରଂ ଶାସନକୁ ଲୋକସେବା ଆଧାରରେ ନୂଆ ବେଞ୍ଚମାର୍କ ସ୍ଥାପନ ହେବା ଦରକାର । ଯାହା ଲୋକାର୍ପିତ ପୁସ୍ତକରେ ବର୍ଣ୍ଣନା କରାଯାଇଥିବା ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ । ରାଜନୈତିକ ଦୃଶ୍ୟପଟ୍ଟରେ ଭାରତୀୟ ଜନତା ପାର୍ଟିକୁ ନୂଆ ଶିଖରକୁ ନେଇଥିବା ଦୃଢ଼ ସଂଗଠକ ତଥା ଅନେକ ଐତିହାସିକ ନିଷ୍ପତିର ମୁଖ୍ୟ ବିନ୍ଧାଣୀ ଅମିତ ଶାହଙ୍କ ଉପରେ ଲିଖିତ ପୁସ୍ତକର ଓଡ଼ିଆ ସଂସ୍କରଣ ପ୍ରକାଶିତ ହୋଇଥିବାରୁ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଥିଲେ । ପୁସ୍ତକର ମୂଳ ଇଂରାଜୀ ଲେଖକ ଅନିର୍ବାଣ ଗାଙ୍ଗୁଲିଓ ଶିବାନନ୍ଦ ଦ୍ୱିବେଦୀଙ୍କୁ ମଧ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଥିଲେ । ଏହାସହ ସହ ପ୍ରକାଶନ ସଂସ୍ଥା ବ୍ଲୁମ୍ସବରି ଓ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଥିବା ଟାଇମ୍ସ ପାସ ପ୍ରକାଶନ ସଂସ୍ଥାର ମୁଖ୍ୟ ସାହିତ୍ୟିକ ସରୋଜ ବଳଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ସମ୍ବାଦ ଖବର କାଗଜର ସମ୍ପାଦକ ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ସାମ୍ବାଦିକ ଶ୍ରୀ ସ୍ୱପନ ଦାସଗୁପ୍ତା, ରାଜ୍ୟ ବିଜେପି ସଭାପତି ଶ୍ରୀ ସମୀର ମହାନ୍ତି, ପୁସ୍ତକର ଲେଖକ ଅନିର୍ବାଣ ଗାଙ୍ଗୁଲି ଓ ଶିବାନନ୍ଦ ଦ୍ୱିବେଦୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ, ସ୍ତମ୍ଭକାର ଓ ସାମ୍ବାଦିକମାନେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ ।



# ୮ଶ୍ରେଣୀ ପାଇଁ ଜଣେ ଶିକ୍ଷକ, ୨୦୬ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର

ବାଲିଗୁଡ଼ା୧୨/୦୭ (ନି.ପ୍ର): ୮ ଶ୍ରେଣୀ । ୨୦୦ରୁ ଅଧିକ ଛାତ୍ରଛାତ୍ରୀ । ହେଲେ ସେମାନଙ୍କୁ ପାଠପଢ଼ାଇବା ନିମନ୍ତେ ଅଛନ୍ତି ମାତ୍ର ଜଣେ ଶିକ୍ଷକ । ଏହି ଶିକ୍ଷକ ଗୋଟିଏ ଶ୍ରେଣୀର ପିଲାମାନଙ୍କୁ ପାଠ ପଢ଼ାଇଲେ ଅନ୍ୟ ସାତଟି ଶ୍ରେଣୀର ଛାତ୍ରଛାତ୍ରୀମାନେ ଖାଲିଟାରେ ବସୁଛନ୍ତି । ଶିକ୍ଷା ବିଭାଗର ଏଭଳି ଅବ୍ୟବସ୍ଥାର ନଗ୍ନ ଚିତ୍ର କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଦନେକବାଡି ସରକାରୀ ଆଶ୍ରମ ସ୍କୁଲରେ ଦେଖିବାକୁ ମିଳିଛି । ଏହି ଆଦିବାସୀ ଆଶ୍ରମ ସ୍କୁଲରେ ପାଠପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଇଛନ୍ତି ଖୋଦ ସରକାର । ସବୁଦିନ ଛାତ୍ରଛାତ୍ରୀ ସ୍କୁଲରେ ପହଂଚି ପ୍ରାର୍ଥନା ବୋଲୁଛନ୍ତି । ପ୍ରାର୍ଥନା ସରିବା ପରେ ଛାତ୍ରଛାତ୍ରୀ ନିଜ ଶ୍ରେଣୀରେ ଯାଇ ବସୁଛନ୍ତି । ସାର୍‌ଙ୍କୁ ଅପେକ୍ଷା କରୁଛନ୍ତି । ହେଲେ ଭାଗ୍ୟରେ ଥିଲେ ଏକମାତ୍ର ଶିକ୍ଷୟିତ୍ରୀ ପାଠପଢ଼ାଇବାକୁ ଆସୁଛନ୍ତି । ନଚେତ୍ ସ୍କୁଲରେ ବସିବସି ଆସିବାରେ ସବୁ ସମୟ ନଷ୍ଟ ହେଉଛି । ଏମିତି କି କିଛି ଛାତ୍ରୀ ନିଜେ ହିଁ ଶିକ୍ଷକ ସାଜି ପିଲାଙ୍କୁ ପାଠ ପଢାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଏଭଳି କ୍ଷେତ୍ରରେ ସମ୍ପୃକ୍ତ ସେବାଶ୍ରମର ପିଲାଙ୍କ ପାଠପଢା ଅନ୍ଧାରକୁ ଠେଲି ହୋଇଯାଇଛି । ଆବଶ୍ୟକ ଶିକ୍ଷକ ନଥିବା ଯୋଗୁଁ ପାଠପଢା ଠିକ୍ ସେ ହେଉ ନ ଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀମାନେ ଅନୁରୋଧ କରିଛନ୍ତି, ସରକାର ଆବଶ୍ୟକ ଶିକ୍ଷକ ତୁରନ୍ତ ନିଯୁକ୍ତ କରନ୍ତୁ । ଫଳରେ ସେମାନଙ୍କ ପାଠପଢ଼ା ଠିକ୍ ଭାବେ ହୋଇପାରିବ । ଏନେଇ ସେବାଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାରଳା ମାଝୀ କହିଛନ୍ତି, ଏଠାରେ ସମୁଦାୟ ୨ଶହ ୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏମାନଙ୍କ ମଧ୍ୟରୁ ୧୫୦ ଜଣ ହଷ୍ଟେଲରେ ରହୁଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଏତେ ସଂଖ୍ୟାକ ପିଲାଙ୍କୁ ଜଣେ ପାଠ ପଢାଇବା ଏବଂ ହଷ୍ଟେଲକୁ ପରିଚାଳନା କରିବାରେ ବହୁତ ଅସୁବିଧା ହେଉଛି । ଅସୁବିଧା ଦିନମାନଙ୍କରେ ଦିନଟିଏ ଛୁଟିରେ ରହିଗଲେ ପିଲାମାନଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ । ଗୋଟିଏ ଶ୍ରେଣୀର ପିଲାଙ୍କୁ ପାଠ ପଢାଇଲେ ଅନ୍ୟ ଶ୍ରେଣୀର ପିଲା ଖାଲିରେ ବସୁଛନ୍ତି ।କ ସ୍ଥାନୀୟ ସରପଂଚ ନଞ୍ଜୟ ପ୍ରଧାନ କହିଛନ୍ତି, ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଭେଟି ପିଲାଙ୍କ ପାଠପଢ଼ା ବ୍ୟାଘତ ହୋଇଥିବା କଥା ଜଣାଇଥିଲେ । ତୁରନ୍ତ ଶିକ୍ଷକ ପଦବୀ ପୂରଣ କରିବାକୁ କହିଥିଲେ । ହେଲେ ସେ ଏହାକୁ ଦୃଷ୍ଟି ଦେଲେନାହିଁ । ତେଣୁ ଏହି ଆଦିବାସୀ ଅଞ୍ଚଳରେ ସାକ୍ଷରତା ଅଭିଯାନ ଫେଲ ମାରିଛି । ସରକାରଙ୍କ ଅବହେଳା ଯୋଗୁ ଆଦିବାସୀ ପିଲାମାନେ ଶିକ୍ଷାଧିକାରରୁ ବଞ୍ଚିତ ହେଉଛନ୍ତି ଓ ଶୀର୍ଷ ସ୍ଥାନରେ ପହଞ୍ଚି ପାରୁନାହାନ୍ତି ।



## ଶିଶୁ ସାମ୍ବାଦିକତା କର୍ମଶାଳା ଆୟୋଜିତ




କଳାହାଣ୍ଡି ୧୨/୭ (ନି.ପ୍ର): ନର୍ଲା ସ୍ଥିତ ମାଉଣ୍ଟେନ୍ କିଡ୍ସ ଇଂଲିଶ ମିଡିୟମ ସ୍କୁଲ୍ ପରିସରରେ ୱାର୍ଲ୍ଡ ଭିଜନ୍ ଇଣ୍ଡିଆ ପକ୍ଷରୁ ଏକ ଶିଶୁ ସାମ୍ବାଦିକତା ଓ ଶିଶୁ ସମସ୍ୟା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି । ୱାର୍ଲ୍ଡ ଭିଜନ୍ ଇଣ୍ଡିଆ ଏଡିପି ନର୍ଲାର ପ୍ରୋଗ୍ରାମ୍ ମେନେଜର୍ ପିଭି କ୍ରିଷ୍ଣା ଏଥିରେ ଅଧ୍ୟକ୍ଷତା କରିବା ସହ ସଂସ୍ଥା ପକ୍ଷରୁ ପ୍ରକାଶିତ ହେବାକୁ ଥିବା ଶିଶୁ ପତ୍ରିକାର ରୂପରେଖ ସଂପର୍କରେ ସୂଚନା ଦେଇଥିଲେ । ଏଥିସହ ପତ୍ରିକାର ସଂପାଦନା ମଣ୍ଡଳୀ ପାଇଁ ଶିଶୁମାନଙ୍କୁ ଚୟନ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ଲିଙ୍ଗରାଜ ମିଶ୍ର ଓ ଯୁବ ଲେଖକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଅତିଥି ଭାବେ ଯୋଗଦେଇ ସମ୍ବାଦ ଲିଖନ ଓ ସୃଜନଶୀଳ ଲିଖନ ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ । ଏଥିରେ ଶିଶୁ ସାମ୍ବାଦିକତା ସହ ଶିଶୁମାନଙ୍କର ସମସ୍ୟା ତଥା ବଞ୍ଚିବାର ଅଧିକାର, ସୁରକ୍ଷାର ଅଧିକାର, ଉନ୍ନତିର ଅଧିକାର ଓ ସହଭାଗିତାର ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା । ନର୍ଲା ବ୍ଲକର ୧୧ଟି ଗ୍ରାମପଞ୍ଚାୟତରୁ ୫୫ଜଣ ଶିଶୁ ସାମ୍ବାଦିକ ଯୋଗଦେଇ ନିଜ ଅଞ୍ଚଳର ସମସ୍ୟା, ଦର୍ଶନୀୟ ସ୍ଥାନ, ପରମ୍ପରା ଆଦି ସଂପର୍କରେ ଲିଖନ କୌଶଳର ବିକାଶ କରିଥିଲେ । ୱାର୍ଲ୍ଡ ଭିଜନ୍ ଇଣ୍ଡିଆର କର୍ମକର୍ତ୍ତା ପ୍ରତିମା ତାଣ୍ଡି ସ୍ୱାଗତ ଭାଷଣ ଦେଇଥିବା ବେଳେ ସଲୋମନ୍ ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ବବଲୁ ମହାନନ୍ଦ, ଇମାନୁଏଲ୍ ହନୁମାନ, ରୂପକା ଡାଭିଡୁ ପ୍ରମୁଖ କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ ।

## ଏବିଭିପି ନର୍ଲା ନଗର ପକ୍ଷରୁ ବୃକ୍ଷମିତ୍ର ଅଭିଯାନ

କଳାହାଣ୍ଡି ୧୨/୭ (ନି.ପ୍ର):ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୫ ତମ ବର୍ଷର ଶୁଭାରମ୍ଭ ହୋଇ ଯାଇଛି । ଏହି ଅବସରରେ ବିଦ୍ୟାର୍ଥୀ ପରିଷଦ ତରଫରୁ ବୃକ୍ଷମିତ୍ର ଅଭିଯାନ ମାଧ୍ୟମରେ ସାରା ଦେଶରେ ବୃକ୍ଷ ରୋପଣ ସହ ସେବାକାର୍ଯ୍ୟ ଜାରି ରହିଛି । ଏହି କ୍ରମରେ ଏବିଭିପି ନର୍ଲା ନଗର ତରଫରୁ ପଞ୍ଚାୟତ ସମିତି ମହାବିଦ୍ୟାଳୟ ନର୍ଲା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ମାଣ୍ଡେଲରେ ବୃକ୍ଷମିତ୍ର ଅଭିଯାନରେ ବୃକ୍ଷ ରୋପଣ କରାଯାଇଛି । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ନର୍ଲା ନଗର ସଭାପତି ଅଧ୍ୟାପିକା ବାସନ୍ତୀ ସାହୁ , କଳାହାଣ୍ଡି ବିଭାଗ ସଂଯୋଜକ ନୃପମଣି ବାହୁକ, ରତ୍ନାକର ନାଗ, ସନାତନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ବୃକ୍ଷମିତ୍ର ଅଭିଯାନରେ ବିଦ୍ୟାର୍ଥୀ ପରିଷଦ ସାରା ଦେଶରେ ଏକ କୋଟି ଏବଂ କଳାହାଣ୍ଡି ଜିଲ୍ଲା ରେ ୩୦,୦୦୦ ବୃକ୍ଷ ରୋପଣ କରିବା ବୋଲି ଜିଲ୍ଲା ସଂଯୋଜକ ତନ୍ମୟ ବିଶି କହିଛନ୍ତି ।

# ରାୟଗଡ ଜିଲ୍ଲାପାଳଙ୍କ କଲ୍ୟାଣ ସିଂପୁର ବ୍ଲକରେ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ରାୟଗଡ/କଲ୍ୟାଣ ସିଂପୁର : ୧୨/୦୭ (ନି.ପ୍ର): ଆଜି ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ କଲ୍ୟାଣ ସିଂପୁର ବ୍ଲକଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ୱଧା ଦେବ ସିଂହ, ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ରାୟଗଡ ଭୀମସେନ ଶବର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଏଲ.ଏନ ପୃଷ୍ଟି, ଗ୍ରାମୀୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା ,ପ୍ରକଳ୍ପ ପ୍ରଶାସକ , ସମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ,ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ର ପ୍ରକଳ୍ପ ପ୍ରଶାସକ ପଦ୍ମ ଚରଣ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ରାୟଗଡ, ଜଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବକ୍ଷଗ,ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭିକ୍ଟରିଆ କୁଲ,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅଧକ୍ଷ ପଂଚାୟତ ସମିତି ଅମରିତା କାଦ୍ରକ୍ଷକା, ଉପାଧକ୍ଷ ଡମ୍ବରୁ କଂଜାକା, ବିଡ଼ିଓ ତାପସ କୁମାର ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ସୁଧାକର ରଇତ, ତହସିଲଦାର , ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଆଜି ମୋଟ ୫୮ଟି ଅଭିଯୋଗ ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା । ସେଠି ମଧ୍ୟରୁ ୪୬ଟି ବ୍ୟକ୍ତିଗତ ହୋଇଥିବା ବେଳେ ୯ଟି ସାମୁହିକ ଅଭିଯୋଗ ଆସିଥିଲା ଏବଂ ୩ଗୋଟି ଆର୍ତ୍ତିକ ସହାୟତା ନିମନ୍ତେ । ସ୍ୱାସ୍ଥ୍ୟ ଗତ ସମସ୍ୟା ନିମନ୍ତେ ଜଣକୁ ୨୦ହଜାର,ଆଉ ଜଣକୁ ୧୫ହଜାର ଓ ଅନ୍ୟ ଜଣକୁ ୭୫୦୦/- ମୋଟ ୪୨୫୦୦/-ଟଙ୍କା ସହାୟତା ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀମତି ଦେବସିଂ ଏହାପରେ କଲ୍ୟାଣ ସିଂପୁର ବ୍ଲକର ପାରସାଲିରେ ଅବସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପରିଦର୍ଶନ କରିଥିଲେ । ସେଠାରେ ୨୦ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ । ପାରସାଲିରେ ଥିବା ସରକାରୀ ବାଳିକା ବିଦ୍ୟାଳୟ ଶ୍ରେଣୀ ଗୃହକୁ ପରିଦର୍ଶନ କରି ଛାତ୍ରିମାଙ୍କ ସହ ଆଲୋଚନା କରିଥିଲେ । ଏହି ବିଦ୍ୟାଳୟ କୁ ୫T ଅନ୍ତର୍ଗତ ରୂପାନ୍ତରିତ କରିବାକୁ ପ୍ରସ୍ତାବ ରହିଛି ଏବଂ ବିଦ୍ୟାଳୟର ଖେଳ ପାଡ଼ିଆ ପୁନନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସୁନକ୍ଷଖଣ୍ଡି ଗ୍ରାମକୁ ଯାଇ ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଉଥିବା ଓଡିଶା ଜୀବିକା ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ଚାରା କେନ୍ଦ୍ର ଓ କୁକୁଡ଼ା ପାଳନ କେନ୍ଦ୍ର ପରିଦର୍ଶନ କରିବାସହ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଆଲୋଚନା କରିଥିଲେ । ଗ୍ରାମର ପୁରୁଣା ଅଙ୍ଗନ ବାଡ଼ି କେନ୍ଦ୍ରର ନବୀକରଣ ନିମନ୍ତେ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



## ଅବକାରୀବିଭାଗର ଚଢ଼ାଉ, ବିପୁଳ ପରିମାଣରେ ଦେଶୀ ମଦ ଜବତ, ବହୁ ଅଭିଯୁକ୍ତ ଗିରଫ



ରାୟଗଡ:-୧୨/୦୭ (ନି.ପ୍ର): ଅବକାରୀ କମିଶନର ଆଶିଷ ସିଂହ ଓ ରାୟଗଡ ଜିଲ୍ଲାପାଳ ସ୍ୱଧା ଦେବ ସିଂହଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକ୍ଷକ ରାୟଗଡ଼ ଅଭିରାମ ବେହେରାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବ୍ୟାପକ ଅବକାରୀ ଚଢ଼ାଉ କରାଯାଇଛି । ଜିଲ୍ଲାର ରାୟଗଡ, ଗୁଣୁପୁର,ଗୁଡାରି,ବିଷମ କଟକ,କଲ୍ୟାଣସିଂପୁର ,ଗୁଡାରି ଅବକାରୀ ଥାନା ଅଞ୍ଚଳରେ ଅବକାରୀ ଦଳର ତା.୪/୦୭/୨୨ରୁ ୭/୦୭/୨୨ରିଖ ୪(ଚାରି)ଦିନ ଧରି ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ାଉ କରି ୪୦ଟି ଅବକାରୀ କେସ ରଜୁକରି ଓ ୨୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି । ଗତ ୪ଦିନ ଧରି ଲଗାତାର ଭାବରେ ଜିଲ୍ଲାର ବିଭିନ୍ନ ଦୁର୍ଗମ ଇଲାକାରେ, ଗଳିକନ୍ଦି ଅଞ୍ଚଳରେ ଲୁକାୟତ ଭାବେ ଚୋରା ମଦ ପ୍ରସ୍ତୁତ କରୁଥିବା ଆଡ୍ଡା ଉପରେ ଅତର୍କିତ ଚଢ଼ାଉ କରି ୧୧୧୮୦ଲିଟର ପୋଚ୍ଚ,୧୨୭୦ ଦେଶୀମଦ ଲିଟର ଜବତ କରି ବହୁ ମଦରନ୍ଧା ସାମଗ୍ରୀ ନଷ୍ଟ କରାଯାଇଥିବା ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ବେହେରା ସୂଚନା ଦେଇଥିଇଛନ୍ତି । ଚୋରା ମଦ କାରବାର ରୋକିବା ନିମନ୍ତେ ଜିଲା ଅବକାରୀ ବିଭାଗର ବିଭିନ୍ନ ଥାନା ଯଥା ରାୟଗଡ, ବିଷମକଟକ, ଗୁଡାରି, ଗୁଣପୁର, କଲ୍ୟାଣ ସିଂପୁର ସଦଳବଳ ରିତିମତ ଚଢ଼ାଉ ଜାରି ରଖିଥିବା ସୂଚନା ଦେଇଛନ୍ତି ।

# ମହିଳା ମାନଙ୍କ ପାଇଁ ଯୁଗାନ୍ତକାରୀ ପଦକ୍ଷେପ

## *ଓଡ଼ିଆ ଝିଅ ଏବେ ବିଶ୍ୱ ଦରବାର ରେ .....*




ଓଡିଶାର ରଞ୍ଜିତା ପ୍ରିୟଦର୍ଶିନୀ ଭାରତର ସମସ୍ତ ମହିଳା ଶ୍ରମିକଙ୍କ ସକାଶେ ଋତୁସ୍ରାବ ବେଳେ ଗୋଟିଏ ଦିନ ଛୁଟି ପାଇଁ ଏକ ଯୁଗାନ୍ତକାରୀ ଅଭିଯାନ ଆରମ୍ଭ କରିଛନ୍ତି । ତାଙ୍କର ଅଭିଯାନର ଏକ ମାସ ମଧ୍ୟରେ ସେ କେବଳ ଜାତୀୟ ଅନ୍ତର୍ଜାତୀୟରୁ ନୁହେଁ ବରଂ ବଲିଉଡରୁ ମଧ୍ୟ ସମର୍ଥନ ପାଇଛନ୍ତି । ଜଣେ ଏଲଏଲଏମ ଛାତ୍ରୀ ହୋଇ ସେ ଉଭୟ ଅଧ୍ୟୟନ ସାଙ୍ଗକୁ ସାମାଜିକ କାର୍ଯ୍ୟ ରେ ଲିପ୍ତ ରହନ୍ତି । ସେ କହନ୍ତି ଯେ ସୋସିଆଲ ମିଡିଆରେ ସେ କିଛି ବ୍ୟକ୍ତି ଙ୍କ ଉପହାସ ର ଶିକାର ହୋଇଛନ୍ତି ଯେ କେବଳ ମହିଳାମାନେ କାହିଁକି ଏହି ସୁବିଧା ପାଇବେ ? ଆପଣ ଏଥିପାଇଁ କାହିଁକି କାମ କରୁଛନ୍ତି ?କିନ୍ତୁ ସେ ଏହି ସବୁ କଥାକୁ ନଶୁଣି ଆଗେଇ ଯାଆନ୍ତି ପୁଣି ଦୁଇପାଦ ଆଗକୁ ଆଗକୁ । କାରଣ ସେ ବାକି ୩୦% ମହିଳା ଶ୍ରମିକଙ୍କ ପାଇଁ ଲଢୁଛନ୍ତି । ସେ ବେଳେବେଳେ ହତୋତ୍ସାହିତ ହୋଇ ପଡନ୍ତି,ହେଲେ ପୁଣି ଥରେ ସେ ମହିଳା ଶ୍ରମିକଙ୍କ କଲ୍ୟାଣ ପାଇଁ ସଂଗ୍ରାମ କରିବାକୁ ଅଣ୍ଟାଭିଡି ଆଗେଇ ଯାଆନ୍ତି । ସମ୍ପ୍ରତି ଗୁଗୁଲରେ ତାଙ୍କର ପେଡ୍ ପିରିୟଡ୍ ଛୁଟିର କାହାଣୀ ଭାରତରୁ ସ୍ୱେନ ନ୍ୟୁଜ୍ ଏବଂ ୱାଶିଂଟନ୍ ପୋଷ୍ଟ ସହିତ ବିଶ୍ୱ ଋତୁସ୍ରାବ(ମାସିକ ଧର୍ମ) ଦିନ ଠାରୁ ୫ ଦିନ ପର୍ଯ୍ୟନ୍ତ ରହିଥିଲା ତାଙ୍କୁ ବହୁ ଆନ୍ତର୍ଜାତୀୟ ସଂଗଠନ ତଥା ବ୍ୟକ୍ତିବିଶେଷଙ୍କ ପ୍ରତିନିଧୀ, କାଠମାଣ୍ଡୁ, କେଜିଏସ୍ ଲିଓ କ୍ଲବ କେନିଆ, ଜିଞ୍ଜା ମଡେଲ୍ ଉଗାଣ୍ଡା, ଆଇସିଆରଡବ୍ଲୁ ୱାଶିଂଟନ, ପିରିୟଡ ମ୍ୟାଗେଜିନ ନେଦରଲ୍ୟାଣ୍ଡ, ଚେଞ୍ଜ୍ ଅର୍ଗାନାଇଜେସନ ଏବଂ ଅନ୍ୟାନ୍ୟଙ୍କ ଠାରୁ ତାଙ୍କୁ ସମର୍ଥନ ମିଳିଥିଲା ??। ଗତ ତା.୨୫/୦୬/୨୦୨୨ରିଖ ରେ ଏମ.ପି ମନୋଜ ତିୱାରୀ, ଆନ୍ତର୍ଜାତୀୟ ଆଥଲେଟ୍ ଦୀପା ମଲ୍ଲିକ, ଦିଲ୍ଲୀ ସରକାରଙ୍କ ସୂଚନା ଏବଂ ପ୍ରସାରଣ ବିଭାଗର ନିର୍ଦ୍ଦେଶକ,ବରିଷ୍ଠ ସାମ୍ବାଦିକ ଅବିନାଶ ସିଂଙ୍କ ଦ୍ୱାରା ତାଙ୍କ ଅଭିଯାନରେ ସମସ୍ତ ମହିଳା ଶ୍ରମିକଙ୍କ ପାଇଁ ଛୁଟି ସକାଶେ ତାଙ୍କୁ ଶ୍ରମିକସାଥୀ ଭାବରେ ସଂବିଧାନ କ୍ଲବ ନୂଆଦିଲ୍ଲୀ ଠାରେ ସମ୍ମାନିତ କରାଯାଇଥିଲା । ବର୍ତ୍ତମାନ ସେ ଏହି ଅଭିଯାନ ପାଇଁ ଦିଲ୍ଲୀରେ ଅଛନ୍ତି । ସେ ଗାନ୍ଧୀ ସ୍ମୃତିର ଉପାଧ୍ୟକ୍ଷ ଶ୍ରୀ ବିଜୟ ଗୋଏଲ ଜୀ, ନିର୍ଦ୍ଦେଶକ ଜାତୀୟ ସଫେଇ କର୍ମଚାରୀ ଅର୍ଥ ଓ ବିକାଶ, ଭାରତ ସରକାରଙ୍କୁ ଭେଟିଛନ୍ତି । ତା ୦୨/୦୭/୨୦୨୨ରିଖ ରେ ସେ ବଲିଉଡରୁ ପ୍ରଥମ ସମର୍ଥନ ପାଇଥିଲେ ଏବଂ ନୋଏଡା ଫିଲ୍ମ ସିଟିରେ ଥିବା ଶ୍ରୀ ସନ୍ଦୀପ ମାରୱା ଙ୍କୁ ଭେଟିବାର ସୁଯୋଗ ପାଇଥିଲେ । ଯିଏକି ଭାରତୀୟ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଏସିଆନ୍ ଏକାଡେମୀ ପ୍ରତିଷ୍ଠାତା ଅନୀଲ କପୁରଙ୍କ ଶଳା । ଚଳଚ୍ଚିତ୍ର ଏବଂ ଟେଲିଭିଜନ ଏବଂ ନୋଏଡା ଚଳଚ୍ଚିତ୍ର ସହର ଏବଂ ମିସ୍ ଆର୍ଥ ଇଣ୍ଡିଆର ପରାମର୍ଶଦାତା କମିଟିର ଅଧ୍ୟକ୍ଷ । ତା. ୦୬/୦୭/୨୦୨୨ରିଖ ରେ ରେଡିଓ ନୋଏଡା ୧୦୭.୪ ଏଫଏମ ରେ ପେଡ୍ ପିରିୟଡ୍ ଛୁଟି ବିଷୟରେ ରଞ୍ଜିତା ଙ୍କ ପ୍ରଥମ ସାକ୍ଷାତକାର । ସାକ୍ଷାତକାର ରେ କାହିଁକି ପେଡ୍ ପିରିୟଡରେ କାମ କରୁଛନ୍ତି ସେଥିପାଇଁ ସେ ଜାତୀୟ ପ୍ଲାଟଫର୍ମରେ ବହୁତ ପ୍ରଶଂସା ପାଇଲେ କାରଣ ସେ ସେହି ରେଡିଓରେ ହେଉଛନ୍ତି ପ୍ରଥମ ଓଡିଆ । ମହିଳା ଶ୍ରମିକମାନଙ୍କ ପାଇଁ ସେ Change.org/paidperiodleave ରୁ ତାଙ୍କ ଆବେଦନ ଉପରେ ଦସ୍ତଖତ କରିବାକୁ ଆହ୍ୱାନ କରିଛନ୍ତି ।

# ପୁଅ ହାତରେ ବାପା ର ଜୀବନ ଗଲା

**ପାଟଣାଗଡ଼ ୧୨/୦୭ (ନି.ପ୍ର):** ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକ ଅନ୍ତର୍ଗତ ଘାଗୁର୍ଲି ଗାଁ ର ବୈକୁଣ୍ଠ ମାଝିଙ୍କୁ ତାର ମଝିଅ। ପୁଅ ତ଼ିଚିପି ମାରିଦେଇଥିବା ଜଣାପଡିଛିଯ ସୂଚନା ଅନୁସାରେ ବୁଧବାର ଦିନ ରାତି ୭:୦୦ ଟାରେ ବୈକୁଣ୍ଠ ଖାଇପିଇ ସାରି ଘରେ ଶୋଇଥିଲା। ସେହି ସମୟରେ ତାଙ୍କ ମଝିଅ। ପୁଅ ମହେଶ୍ୱର ମାଝୀ ପ୍ରଚୁର ମଦ୍ୟପାନ କରି ଆସିଥିଲେ ଏବଂ ଏପରି ଅବସ୍ଥା ଦେଖି ବୈକୁଣ୍ଠ ଏଭଳି ମଦ ପିଇ କ'ଣ ପାଇଁ ତୁ ଉତ୍ପାତ ହେଉଛୁ ବୋଲି ପିତା ହିସାବରେ ଉପଦେଶ ଦେଲେ ଏବଂ ଦୁଇ ଚାରି ପଦ ଗାଳିଗୁଲଜ କଲେ ସେଥିରେ ସେ ଉତ୍ତ୍ୟ ହୋଇ ବାପାଙ୍କୁ ରଫା ରେ ଫସା ଦେଇ ତ଼ିଚିପି ମାରିଦେଇଥିବା ମୃତକଙ୍କ ସ୍ତ୍ରୀ ରାଏମତୀ କହିଛନ୍ତିଯ ମୃତକଙ୍କ ଚାରି ପୁଅ ଅଛନ୍ତି ସେମାନେ ହେଲେ ଗୋପାଳ ମାଝୀ, ମହେଶ୍ୱର ମାଝୀ,ଧର୍ମ ସିଂ ମାଝୀ, ତ୍ରୀଥ ମାଝୀ ଅଛନ୍ତି ଯ ତିନି ଜଣ ନଥିଲେ ବୋଲି ମହେଶ୍ୱର ଏଭଳି କାଣ୍ଡ କରିଥିବା ପରିବାର ଲୋକେ କହିଛନ୍ତିଯ ପରିବାର ଲୋକେ ଆସି ବେଲପଡା ଥାନା ରେ ଅଭିଯୋଗ କରିବା ପରେ ଆସାମୀ କୁ ବେଲପଡା ପୋଲିସ ଗିରଫ କରିବା ସହ ରଫାକୁ ଜବତ କରିଛିଯମୃତ ବ୍ୟକ୍ତିଙ୍କ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଥାନା ରେ ଏକ ହତ୍ୟା ମାମଲା ରୁଜୁ କରି ଆସାମୀ କୁ ରଖିଥିବା ଏସ ଡି ପି ଓ ଜ୍ୟୋର୍ତିମୟ ଭୁକ୍ତା ସୂଚନା ଦେଇଛନ୍ତି।

# ଜିଲ୍ଲା ଶ୍ରମିକଙ୍କ କାର୍ଯ୍ୟାଳୟ ରେ ଚାଲିଛି ଦଲାଲ୍ ରାଜ୍

**କଳାହାଣ୍ଡି ୧୨/୦୭ (ନି.ପ୍ର):** ସାଧାରଣ ଲୋକେ ନିଜର ପରିବାର ର ଗୁରୁଜୁରାଣ ମେ ।ଇବା ପାଇଁ ସାଧାରଣତଃ ଦିନ ମଜୁରିଅ। ବା କୁଲି ମଜୁରୀ ଭାବେ କାମ କରିଥାନ୍ତି. ତେବେ ଏସବୁ କୁ ଦୃଷ୍ଟିରେ ରଖି ସରକାର ସେମାନଙ୍କୁ ଶ୍ରମିକ ପରିଚୟ ପତ୍ର ଦେବା ସହ ଶ୍ରମିକଙ୍କ ଚିହ୍ନଟ କରିବା ପାଇଁ ଜିଲ୍ଲା ଶ୍ରମିକ କାର୍ଯ୍ୟାଳୟ ମାନଙ୍କୁ ଦାୟିତ୍ୱ ଦେବା ସହ ସେଠାରେ ଶ୍ରମିକଙ୍କୁ ଚିହ୍ନଟ୍ କରିବା ସାଙ୍ଗକୁ ସେମାନଙ୍କୁ ଶ୍ରମିକ ପରିଚୟ ପତ୍ର ବା ଲେବର୍ କାର୍ଡ଼୍ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଅପରପକ୍ଷେ ରାଜ୍ୟ ସରକାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକୁ ଦଲାଲ ମୁକ୍ତ କରିବା ପାଇଁ ଅନେକ ପ୍ରଚେଷ୍ଟା କରି ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ସରକାର ଙ୍କ ସବୁନିତି ଅଭିଯାନ ଏଠି ଫେଲ୍ ହେବାରେ ଲାଗିଛି. ପୂର୍ବରୁ ବିଭିନ୍ନ କାର୍ଯ୍ୟାଳୟରେ ଥିବା ଅନେକ ଦଲାଲ୍ ପୋଲିସ ପଞ୍ଜାରେ ଧରା ଦେଇଥିଲେ ସୁଦ୍ଧା ମାଈ କୁକୁଡା ଭଳି ଚିଁଅ। ଜନ୍ମ ଦେଉଥିବା ଭଳି ସଦୃଶ ଅଧିକାରୀ ଓ କର୍ମଚାରୀ ମାନଙ୍କ ଲାଗି ଏହି ଦଲାଲ୍ ରାଜ୍ ହୁହୁ ହୋଇ ବଢିବାରେ ଲାଗିଛି। ଫଳରେ ଦଲାଲ୍ ଙ୍କ ରାଜ୍ୟ ,କାୟା ବିସ୍ତାର କରିବା ସହ ନିଜେ ପୁଞ୍ଜି ପତି ହେବାରେ ଲାଗିଛନ୍ତି. ତେବେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ଗୁଡିକରେ ଦଲାଲ୍ ରାଜ୍ କାୟା ବିସ୍ତାର କରି ଚାଲିଥିବା ବେଳେ ଜିଲ୍ଲା ଶ୍ରମିକ କାର୍ଯ୍ୟାଳୟ ରେ ମଧ୍ୟ ଦିନକୁ ଦିନ ଦଲାଲ୍ ସକ୍ରିୟ ହୋଇ ନିଜର ଦଲାଲି ରାଜ୍ ର କାୟା ବିସ୍ତାର କରିଚାଲିଥିବା ଦେଖିବାକୁ ମିଳିଛି. କିନ୍ତୁ କାର୍ଯ୍ୟାଳୟ ପକ୍ଷରୁ କୌଣଷି ପଦକ୍ଷେପ ଗ୍ରହଣ କରାଯାଉନାହିଁ ଯ ତେବେ କରୋନା କଟକଣା ଉଠିବା ପରେ ଧିରେ ଧିରେ ସମସ୍ତ କାର୍ଯ୍ୟଳୟ ଗୁଡିକ ଖୋଲିବାରେ ଲାଗିଛି। ଏଠି ସୂଚନାଯୋଗ୍ୟ ଯେ ଭବାନୀପାଟଣା ଉପଖଣ୍ଡ ରେ ଥିବା ମ.ରାମପୁର୍ କର୍ଲାମୁଣ୍ଡା ଓ ନର୍ଲା ବ୍ଲକ୍ ଯାହା କି ପ୍ରାୟ ୭୦ ରୁ ୧୨୦ କିଲୋମିଟର୍ ଭିତରେ ହେଉଥିବାରୁ ଏହି କାର୍ଯ୍ୟାଳୟ ପାଇଁ ଏହି ବ୍ଲକ୍ ମାନଙ୍କରେ ଥିବା ବିଭିନ୍ନ ଦଲାଲ୍ ହେଉଛନ୍ତି ଏଠିକାର ରାଜା। କାରଣ, ଶ୍ରମିକ ଙ୍କ ନୂତନ ପଞ୍ଜିକରଣ ହେଉ ଅବା




ନବୀକରଣ ବା ରିନୁଏଲ୍ ପାଇଁ ଆସୁଥିବା ଶ୍ରମିକଙ୍କ ଠାରୁ ସିଧାସଳଖ ଫର୍ମ ନନେଇ ଗାଁ ମାନଙ୍କରେ ଥିବା ଦଲାଲ୍ ମାନଙ୍କ ଠୁ ଫର୍ମ ଗ୍ରହଣ କରୁଥିବା ଅଭିଯୋଗ ହୋଇଛି। ଏମିତି କି ସରକାରୀ ନିୟମ ଅନୁସାରେ ନୂତନ ଶ୍ରମିକ ପରିଚୟ ପତ୍ର ବା ଲେବର୍ କାର୍ଡ଼୍ ପଞ୍ଜିକରଣ ବାବଦକୁ ୨୦ ଟଙ୍କା ଫିଜ୍ ରହିଥିବା ବେଳେ ନବୀକରଣ ବା ରିନୁଏଲ୍ ପାଇଁ ୫୦ ଟଙ୍କା ସରକାରୀ ଫିଜ୍ ଦେବାକୁ ପଡିଥାଏ. କିନ୍ତୁ ଗ୍ରାମାଚଂଳ ରେ ଥିବା ଦଲାଲ୍ ମାନେ ସିଘ୍ର ପରିଚୟ ପତ୍ର ଓ ଯୋଜନାରେ ମିଳୁଥିବା ବିଭିନ୍ନ ସହାୟତା କରାଇଦେବା ନାଁରେ ନିରିହ ଗରିବ ଶ୍ରମିକଙ୍କୁ ରାତି ଅଧରେ ମଶା ଯେମିତି ମାନବ ଶରୀର ରୁ ରକ୍ତ ସୋସି ଚାଲେ ସେମିତି ଏଇ ଦଲାଲ୍ ମାନେ ମଧ୍ୟ ଦିନ ଦି ପ୍ରହରେ ଲୋକଙ୍କ ଠାରୁ ଝାଳବୁହା ଟଙ୍କା ସୋସି ଚାଲିଛନ୍ତି. ତେବେ ପ୍ରତି ନୂତନ ଶ୍ରମିକଙ୍କ ପଞ୍ଜିକରଣ ପାଇଁ ୧୫୦୦-୨୦୦୦ ଟଙ୍କା ନେଉଥିବା ବେଳେ ନବୀକରଣ ବା ରିନୁଏଲ୍ ପାଇଁ ୩୦୦-୫୦୦ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଏପରି କି ଦଲାଲ ମାନେ ଶ୍ରମିକ କାର୍ଯ୍ୟାଳୟ ପରିସର ରେ ଥାଇ ନିଜକୁ ସରକାରୀ ଅଧିକାରୀ ବୋଲି ପରିଚୟ ଦେବାରେ ଲାଗିଛନ୍ତି। ଅଉ କିଛି ଦଲାଲ ଗାଁ ମାନଙ୍କରେ ଥିବା ନିରିହ ଗରିବ ଖଟିଖିଅ। ଦିନମଜୁରିଅ। ମାନଙ୍କ ଠୁ ଟଙ୍କା ଅଣି ମାଲେ ମାଲ ହେଉଛନ୍ତି। ଏଠାରେ ଅନେକ ଅଭିଯୋଗ ଆସିଥିଲେ ମଧ କାର୍ଯ୍ୟାଳୟର ଦଲାଲ୍ ମାନେ ସବୁ ସେଠିକାର ଏକ ଅସାମାଜିକ ବ୍ୟକ୍ତି ଙ୍କ ଛତ୍ରଛାୟା ତଳେ ରହୁଥିବା ଖବର ମିଳିଛି। ଫଳରେ ଦଲାଲଙ୍କ କବ୍‌ଜାରେ ଏହି ଅଫିସ୍ ରହିଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି. କାର୍ଯ୍ୟାଳୟରେ ପ୍ରାୟ ଅଧିକାରୀ ଓ କର୍ମଚାରୀମାନେ ଏହି ଦଲାଲଙ୍କ ସହ ସମ୍ପର୍କରେ ଅଛନ୍ତି। କାର୍ଯ୍ୟାଳୟରେ ଅଧିକାରୀ ନ ଥିଲେ ମଧ ଏହି ଦଲାଲମାନେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି ଫଳରେ ଲୋକେ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ସମୟରେ ହଇରାଣ ହରକ୍ ହେବା ସହ ଘ।ଘ। ଧରି ଅପେକ୍ଷା କରିବାକୁ ପଡୁଛି। ଯାହା ଦ୍ୱାରା ୭୦ ରୁ ଉର୍ଦ୍ଧ କିଲୋମିଟର ଦୂରରୁ ଆସିଥିବା ଶ୍ରମିକ ବାଧ୍ୟ ହୋଇ ଦଲାଲଙ୍କ ଆଶ୍ରୟ ଲୋଡୁଛନ୍ତି. ସେହିପରି ଇ ରସେପ୍ଟରରେ ହେଉଥିବା ଜରିମାନାକୁ ମଧ ଏହି ଦଲାଲମାନେ ମୂଳଚାଲ କରୁଥିବା ଜଣାପଡ଼ିଛି। ଏନେଇ ବିଭାଗୀୟ ଅଧିକାରୀ ଜାଣିସୁଣି ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ସରକାରୀ କାର୍ଯ୍ୟାଳୟରୁ ଦଲାଲଙ୍କୁ ହଟାଇବାକୁ ସଧାରଣରେ ଦାବି ହେଉଛି। ଅନ୍ୟପଟେ ଗ୍ରାମାଚଂଳ ରେ ଥିବା ଦଲାଲ ମାନେ ଲକ୍ଷପତି ହେବାରେ ବସିଲେଣି ତେଣୁ କାର୍ଯ୍ୟାଳୟ ରେ କାର୍ଯ୍ୟରତ ଥିବା ଅଧିକାରୀ ଙ୍କୁ ଗରିବ ଶ୍ରମିକ ଙ୍କ ନିବେଦନ ସି.ସି ଟିଭି କୁ ଅନୁଧ୍ୟାନ କରି ଗ୍ରାମା ଳରୁ ଆସୁଥିବା ଦଲାଲ ମାନଙ୍କୁ ଭିଜିଲାନ୍ସ ର ଦ୍ୱାରସ୍ଥ ହେଲେ ଦଲାଲ ମାନଙ୍କ ଗାଡି ଡିକି ଭିତରେ ଥିବା ୧୦୦୦ ରୁ ଉର୍ଦ୍ଧ ଲୋକଙ୍କ ଠୁ ନେଇଥିବା ନଥିପତ୍ର , ସମ୍ପତି ଜା କରି ଆଇନ୍ ଅନୁଯାୟୀ ଦଣ୍ଡିତ କରିବା ସହ ବନ୍ଦ ରହିଥିବା ସରକାରୀ ପୋର୍ଟାଲ କୁ ଶିଘ୍ର ଖୋଲି ଅନ୍‌ଲାଇନ୍ ଆବେଦନ କୁ ଗୁରୁତ୍ୱ ଦିଆଗଲେ ଅନେକ ଶ୍ରମିକ ଉପକୃତ ହୋଇପାରନ୍ତେ ବୋଲି ଜନମହଲେ ଦାବି ହେଉଛି।

# ଅଧାପନ୍ତରିଆ ହୋଇପଡ଼ିଛି ନାଉଗାଁ ବସ୍‌ଷ୍ଟାଣ୍ଡ

ନାଉଗାଁ : ନାଉଗାଁ ବ୍ଲକରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁଦୀର୍ଘଦିନ ହେବ ବିଭିନ୍ନ ସଂଘ



ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନାଉଗାଁରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପାରାଦୀପ ପୋର୍ଟ ପକ୍ଷରୁ ୨୦୧୫ରେ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଆର୍ଥିକ ଅନୁଦାନ ଆସିବା ପରେ ତହସିଲ ପକ୍ଷରୁ ବସ୍‌ଷ୍ଟାଣ୍ଡ ପାଇଁ ସ୍ଥାନ ସ୍ଥିର କରାଯାଇଥିଲା। ଉକ୍ତ ଅନୁଦାନକୁ ବିନିଯୋଗ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା। ଟେଣ୍ଡର ପରେ ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସୂଚନାଫଳକରେ ଥିବା ତଥ୍ୟ ଅନୁସାରେ ଉକ୍ତ ନିର୍ମାଣ କାର୍ଯ୍ୟ ୧୩ ଜୁଲାଇ ୨୦୧୭ରେ ଆରମ୍ଭ କରାଯାଇଥିବା ବେଳେ ୧୨ ଡିସେମ୍ବର ୨୦୧୭ ରେ ଶେଷ କରିବା କଥା। କିନ୍ତୁ ଅବଧି ଶେଷ ହୋଇଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟ ସରି ନ ଥିବା ଜଣାଯାଇଛି। ବସଷ୍ଟାଣ୍ଡର କାର୍ଯ୍ୟ ସରି ନଥିବା ବେଳେ ବସଷ୍ଟାଣ୍ଡ ପାଇଁ ଚିହ୍ନଟ ସ୍ଥାନରେ ଜୈନିକ ବ୍ୟକ୍ତି ଜବରଦଖଲ କରି ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି।ଯାହାକୁ ନେଇ ବଜାର କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ବଜାର କମିଟିର ସଭାପତି ଅଶୋକ ମହାନ୍ତି, ସମ୍ପାଦକ ଜଗନ୍ନାଥ ଦାସ, ସଦସ୍ୟ ଅନୁ ନାୟକ, ଦେବଜ୍ୟୋତି ମହାନ୍ତି, ନାରାୟଣ ପଟ୍ଟନାୟକ, ଦୀପୁ ଲେଙ୍କା ଆଦି ବିରୋଧ କରିବା ସହିତ ଉକ୍ତ ଗୃହକୁ ଭାଙ୍ଗିବା ପାଇଁ ଜୈନିକ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୂର୍ବରୁ ଉକ୍ତ ସ୍ଥାନରେ ଯେଉଁ ଦୋକାନୀମାନେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ସେମାନଙ୍କୁ ସେହି ସ୍ଥାନରୁ ଉଠାଯାଇ ବସଷ୍ଟାଣ୍ଡ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା। ସେହି ଦୋକାନୀମାନଙ୍କୁ ଏପର୍ଯ୍ୟନ୍ତ ଥଇଥାନ ମଧ କରାଯାଇନାହିଁ।

# କେବେ ମିଳିବ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ମେଡିକାଲ କଲେଜ ମାନ୍ୟତା ?

ଭୁବନେଶ୍ୱର : ଆସନ୍ତା ଶିକ୍ଷାବର୍ଷ ଠାରୁ ରାଜ୍ୟରେ ଆଉ ତିନିଟି ମେଡିକାଲ୍ କଲେଜ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟ ଶାସନ ସଚିବ ପଦକ୍ଷେପ ଗ୍ରହଣ କରିଛନ୍ତି। ସୁନ୍ଦରଗଡ଼, ତାରଚେର ଓ ପୁରୀଠାରେ ତିନୋଟି ଯାକ ମେଡିକାଲ କଲେଜ ପାଇଁ କୋଠାବାଡ଼ିର ନିର୍ମାଣ ଓ ଭିତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଶାସନିକ କଳକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଏକ ମେଡିକାଲ୍ କଲେଜରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଅତୀତରେ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ୬ ବର୍ଷ ତଳେ ରାଜ୍ୟବାସୀଙ୍କୁ ଦିଆଯାଇଥିବା ଏହି ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପ୍ରତିଶ୍ରୁତିରେ ରହିଯାଇଛି। କ୍ୟାପିଟାଲ୍‌ହସ୍ପିଟାଲ୍ ରାଜଧାନୀର ସ୍ୱାସ୍ଥ୍ୟ ସେବାର ଜୀବନରେଖା କହିଲେ ଅତ୍ୟୁକ୍ତି ହେବନାହିଁ। ଭୁବନେଶ୍ୱରରେ



ଏଆଇଆଇଏମ୍‌ଏସ୍ ପ୍ରତିଷ୍ଠା ହୋଇଛି। ଏଠାରେ ଆପୋଲୋ, କଳିଙ୍ଗ, ସମ୍ ହସ୍ପିଟାଲ୍, ହାଇଟେକ୍ ମେଡିକାଲ୍ କଲେଜ ଓ କେୟାର ହସ୍ପିଟାଲ୍ ଭଳି ଅତ୍ୟାଧୁନିକ ଚିକିତ୍ସା ସେବା ଥିବା ମେଡିକାଲ୍ କଲେଜ ବା ପ୍ରତିଷ୍ଠାନ ଥିବା ସତ୍ତ୍ୱେ ରାଜଧାନୀର ୭୫ଭାଗ ରୋଗୀ ବିଶେଷତଃ ଗରିବ ଲୋକ, ବସ୍ତିବାସିନ୍ଦା ଓ ତଳତଳିଆ ସରକାରୀ କର୍ମଚାରୀମାନେ କ୍ୟାପିଟାଲ୍ ହସ୍ପିଟାଲ୍ ଉପରେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାଆନ୍ତି। ଏଭଳିକି ଖୋର୍ଦ୍ଧା, ଜଟଣୀ, ପିପିଲି, ବାଲିଅନ୍ତା, ବାଲିପାଟଣା ଓ ରାଜଧାନୀର ତଳି ଅଂଚଳର ସାଧାରଣ ଲୋକମାନେ ମଧ କ୍ୟାପିଟାଲ୍ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟସେବା ଉପରେ ନିର୍ଭର କରନ୍ତି। ଏହାକୁ ଲକ୍ଷ୍ୟରଖି ରାଜ୍ୟ ସରକାରଙ୍କ ତତ୍‌କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଏକ ମେଡିକାଲ କଲେଜରେ ପରିଣତ କରିବା ପାଇଁ ରାଜଧାନୀବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ବିଜୁ ପଟ୍ଟନାୟକଙ୍କ ଶତବାର୍ଷିକୀ ଅବସରରେ ପାରାଦ୍ୱୀପର କ୍ରମବର୍ଦ୍ଧିଷ୍ଣୁ କଳେବର ଓ ଶିଳ୍ପ ପ୍ରତିଷ୍ଠା ଭିତିଭୂମିକୁ ଲକ୍ଷ୍ୟ ରଖି ପାରାଦୀପଠାରେ ବିଜୁ ପଟ୍ଟନାୟକଙ୍କ ନାମରେ ଏକ ମେଡିକାଲ୍ କଲେଜ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପାରାଦ୍ୱୀପଗସ୍ତ ଅବସରରେ ସମାଜବାଦୀ ପାର୍ଟି ପକ୍ଷରୁ ଏକ ପତ୍ର ଲେଖାଯାଇ ଦାବି ଉପସ୍ଥାପିତ କରାଯାଇଥିଲା। ପାରାଦ୍ୱୀପ ପୋର୍ଟ ଓ ଇଣ୍ଡିଆନ୍ ଅଏଲ୍ କମ୍ପାନୀ, ଇଫ୍‌କୋ, ପିପିଏଲ୍ ଓ ଏସ୍‌ଆର ଷ୍ଟିଲ୍ ଭଳି ବଡ଼ବଡ଼ କମ୍ପାନୀମାନଙ୍କର ସିଏସ୍‌ଆର କାର୍ଯ୍ୟକ୍ରମ ଅନ୍ତର୍ଗତ ଅନୁଦାନକୁ ନେଇ ପାରାଦ୍ୱୀପରେ ମେଡିକାଲ୍ କଲେଜ ପ୍ରତିଷ୍ଠା ପାଇଁ ସମାଜବାଦୀ ପାର୍ଟି ଦାବି କରିଥିଲା। କାରଣ ଆଗାମୀ ଦିନରେ ପାରାଦ୍ୱୀପ ପୂର୍ବ ଭାରତର ଏକ ପ୍ରବେଶ ଦ୍ୱାର ଭାବରେ ଉଭା ହେବାକୁ ଯାଉଛି। ଏହାର କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ ବିକାଶର ଗୁରୁତ୍ୱକୁ ଉପଲବ୍ଧି କରି ସେଠାରେ ଏକ ମେଡିକାଲ୍ କଲେଜ ପ୍ରତିଷ୍ଠାର ଆବଶ୍ୟକତା ବେଶ୍ ଗୁରୁତ୍ୱ ବହନ କରେ। ଏହି ମେଡିକାଲ୍ କଲେଜ ପ୍ରତିଷ୍ଠା ହେଲେ କଟକ ଏସ୍.ସି.ବି. ମେଡିକାଲ୍ କଲେଜ ଉପରୁ ଚାପ କମିବା ସଙ୍ଗେସଙ୍ଗେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଭଳି ଦୁଇଟି ଜିଲ୍ଲାର ଲୋକ ଅତ୍ୟାଧୁନିକ ଚିକିତ୍ସା ସେବା ପାଇପାରିବେ। ତେଣୁ ଏହାକୁ ଆଖି ଆଗରେ ରଖି ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଏକ ମେଡିକାଲ୍ କଲେଜରେ ପରିଣତ କରିବା ସହିତ ପାରାଦ୍ୱୀପଠାରେଏକ ଅତ୍ୟାଧୁନିକ ମେଡିକାଲ୍ କଲେଜ ପ୍ରତିଷ୍ଠା କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଦାବି କରିଛନ୍ତି।

# ସାହିତ୍ୟ କଥାର ଦଶମ ସ୍ୱନକ୍ଷତ୍ର ଉତ୍ସବ



କଳାହାଣ୍ଡି ୧୨/୭ (ନି.ପ୍ର): ରାଜ୍ୟର ଏକମାତ୍ର ସାହିତ୍ୟ ସମ୍ବାଦ ଭିତ୍ତିକ ପତ୍ରିକା 'ସାହିତ୍ୟ କଥା'ର ଦଶମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଯୁବ ଲେଖକଙ୍କ ଗପ ଓ କବିତାକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଅଂକୁର' ଆୟୋଜିତ ହୋଇଯାଇଛି। ଭବାନୀପାଟଣା ସହର ଉପକଣ୍ଠରେ ଥିବା ନ୍ୟୁ ଷ୍ଟାର ସିନେପ୍ଲେକ୍ସ ପୁଲ୍ ପାର୍କ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ 'ସାହିତ୍ୟ କଥା'ର ସଂପାଦକ ସଙ୍କିତ ରଥେ, ମାର୍ଗଦର୍ଶକ ସୁକାନ୍ତ ସାହୁ, ବିଶିଷ୍ଟ କବି ନିରୋଜ ପଟ୍ଟନାୟକ, 'ମହୁରି'ର ମୁଖ୍ୟ ସଂପାଦକ ଭବାନୀ ଶଙ୍କର ନିଆଲ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି ପ୍ରମୁଖ ପତ୍ରିକାର ଜୁଲାଇ ସଂଖ୍ୟା ଉନ୍ମୋଚନ କରିଥିଲେ। ପତ୍ରିକାର ମୁଖ୍ୟ ସଂପାଦକ ଡ. ସୁରେଶ ନାୟକ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ି ହୋଇଥିଲେ। ସହ-ସଂପାଦକ ସୁଧୀର କୁମାର ଧାଙ୍ଗଡ଼ାମାଝୀ ସମାରୋହ ପରିଚାଳନା କରିଥିବା ବେଳେ ଯୁବ ଗାଳ୍ପିକ ଡିଲେଶ୍ୱର ରଣାଙ୍କ ଅଡିଓ ଭିଜୁଆଲ୍ ଉପସ୍ଥାପନାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ନିମନ୍ତ୍ରିତ ଯୁବ ଲେଖକମାନେ ସ୍ୱରଚିତ ଗପ ଓ କବିତା ପାଠ କରିଥିଲେ। ସେମାନଙ୍କ ମଧ୍ୟରେ ଆଶିଷ କୁମାର ମିଶ୍ର, କର୍ଣ୍ଣ ଗହୀର, କାଜଲ ମହାରଣା, କାଦମ୍ବିନୀ ବେଶ୍ରା, କ୍ଷୀରୋଦ ବିହାରୀ ବିଶ୍ୱାଳ, ଗଣେଶ ବାରିକ, ଜଗନ୍ନାଥ ସାହୁ, ବିଶ୍ୱନାଥ ସାହୁ, ମନୋଜ କିଶୋର ନାୟକ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ଯୋଗେଶ୍ୱର ପଣ୍ଡା, ରଜତ ବଂଶଲ, ସଂହିତା ରଥ, ସଞ୍ଜୀବ କୁମାର ପଣ୍ଡା, ସବ୍ୟସାଚୀ ବିଷୋୟୀ ଓ ସୁଜିତ କୁମାର ଶତପଥି ସାମିଲ ଥିଲେ। ଗଣମାଧ୍ୟମ 'ଓଡ଼ିଆ ବାର୍ତ୍ତା' ପକ୍ଷରୁ ଉତ୍ସବର ସିଧାପ୍ରସାରଣ କରାଯାଇଥିଲା। ଏଥିରେ କବି ନୂପୁର ପଟ୍ଟନାୟକ, ସଂଘମିତ୍ରା କାନୁନଗୋ, ଲଳିତ କାନୁନଗୋ, ଅଧ୍ୟାପକ କୌତୁକ ପନ୍ଦର, ଡା. ଦୀନବନ୍ଧୁ ସାହୁ, ବିରଞ୍ଚି ନାରାୟଣ ମୁଣ୍ଡ, ଦୀପ୍ତି ମୁଣ୍ଡ, ବାପୁନ୍ ନାୟକ, ବନ୍ଦିତା ସାଗରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

# ଶୁଖିଲା କାଠ ଗଣ୍ଡି ପଡି ଦୁଇ ଆହତ

କଳାହାଣ୍ଡି ୧୨/୭ (ନି.ପ୍ର): ଝଡ ନାହିଁ କି ପବନ ନାହିଁ, ତେବେ ହଠାତ୍ ଶୁଖିଲା ଆମ୍ବ ଗଛରୁ ଖସି ପଡିଲା କାଠ। ଏଥିରେ ଦୁଇଜଣ ଆହତ ହୋଇଛନ୍ତି। ଏପରି ଏକ ଘଟଣା ଘଟିଛି ନର୍ଲା ଚାରିଛକଠାରେ। ଆହତ ବ୍ୟକ୍ତିମାନେ ହେଲେ ନର୍ଲା ଚାରିଛକ ସ୍ଥିତ ଛାୟାଧ୍ୱନୀ ଫଟୋ ଷ୍ଟୁଡିଓ ମାଲିକ ନଗେନ୍ଦ୍ର ପଧାନ ଓ ସର୍ଗିଗୁଡା ଗ୍ରାମ ପଞ୍ଚାୟତ ଶାନ୍ତିନଗର ପଡାର ଜଣେ ୭୫ ବର୍ଷିୟା ବୃଦ୍ଧା। ଶ୍ରୀ ପଧାନ ସୁଖିଲା ଆମ୍ବଗଛ ପାର୍ଶ୍ୱସ୍ଥ ପାଣ୍ଡା ଦୋକାନରେ ଚା ପିଉଥିବା ବେଳେ ବୃଦ୍ଧା ଜଣକ ଦେହ ଅସୁସ୍ଥତା କାରଣରୁ ଗଛ ତଳ ହୋଟେଲ ପାଖରେ ବସିଥିଲେ। ବର୍ଷା ନାହିଁ କି ପବନ ନାହିଁ ହଠାତ୍ ଉକ୍ତ ସୁଖିଲା ଗଛର ବଡ ଡାଳ ଖଣ୍ଡେ ଛିଣ୍ଡି ପଡିଥିଲା। ଶ୍ରୀ ପଧାନଙ୍କ ଦେହ ଓ ମୁଣ୍ଡରେ ଆଗାତ ଲାଗିଥିବା ବେଳେ ବୃଦ୍ଧାଙ୍କ ବାମ ଜାନୁରେ ସୁଖିଲା ଡାଳ ଖୁବ୍ ଯୋରରେ ମାଡ ହୋଇଥିବା ଦେଖିବାକୁ ମିଳିଛି। ଆହତ ଦୁଇଜଣଙ୍କୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଉଥିବା ବେଳେ ଆଘାତ କେତେଯୋର ଲାଗିଛି ତାହା ଏଯାଏଁ ଜଣାପଡିନଥିବା ଡାକ୍ତର ପ୍ରକାଶ କରିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ଗତ ଦୁଇବର୍ଷ ତଳୁ ନର୍ଲା ଚାରିଛକରେ ତିନିଗୋଟି ଗଛ ଓ ସର୍ଗିଗୁଡା ରେଲବାଇ ଗେଟ ଫାଟକ



ନିକଟସ୍ଥ ବଡମିଲର ଟ୍ରାନ୍ସଫର୍ମର ସାମ୍ନାରେ ଗୋଟିଏ ଏଭଳି ନର୍ଲା ଡାକ୍ତରଖାନାରୁ ସର୍ଗିଗୁଡା ରେଲବାଇ ଫାଟକ ମଧ୍ୟରେ ମୁଖ୍ୟ ରାଜ୍ୟ ରାଜପଥ କଡରେ ୪ ଗୋଟି ବିପଦ ସଂକୁଳ ଶୁଖିଲା ଗଛ ରହିଛି। ଅଞ୍ଚଳବାସୀ ଜନସାଧାରଣ ବାରମ୍ବର ନର୍ଲା ତହସିଲଦାର, ନର୍ଲା ବିଡିଓଙ୍କୁ କହି ଆସୁଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ଅଗ୍ନିଶମ ବିଭାଗ ଜରିଆରେ ଏହି ଶୁଖିଲା ଗଛ ସବୁ ପ୍ରଶାସନ କଟେଇ ଦେବାର କଥା। ହେଲେ ଗତ ଦୁଇବର୍ଷ ଧରି ବିପଦ ସଂକୁଳ ଅବସ୍ଥାରେ ଚାରିଗୋଟି ସୁଖିଲା ଗଛ ରହିଥିଲେ ମଧ ବାରମ୍ୱାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କରୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଲୋକେ ଯାହା ଆଶଙ୍କା କରୁଥିଲେ ଆଜି ତାହା ଘଟିଛି। ଏଥିପାଇଁ ଅଞ୍ଚଳବାସୀ ନର୍ଲା ପ୍ରଶାସନ, ଅଗ୍ନିଶମ ବିଭାଗକୁ ଦାୟୀ କରିଥିବା ବେଳେ ଯେଉଁ ସବୁ ଶୁଖିଲା ଗଛ ଗୁଡିକ ଏବେବି ଦଣ୍ଡାୟମାନ ହୋଇ ରହିଛି ଆଗାମୀ ଦିନରେ ଆହୁରି ଅନେକ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବା ଜରୁରୀ ହୋଇପଡିଛି। ଅନ୍ୟପକ୍ଷରେ ଆହତ ମାନଙ୍କୁ କ୍ଷତିପୂରଣ ଦେବାପାଇଁ ସାଧାରଣରେ ଦାବୀ ହେଉଛି।

# ସ୍ୱେଚ୍ଛାସେବୀଙ୍କ ହସ୍ତକ୍ଷେପ ପରେ କ୍ଷମାକାନ୍ତିଙ୍କୁ ମିଳିଲା ହୁଇଲ ଚେୟାର



କଳାହାଣ୍ଡି ୧୨/୭ (ନି.ପ୍ର): କୋକସରା ବ୍ଲକ କାଶିବାହାଲ ଗାଁର ଭଗବାନ ସରାଫଙ୍କ ଝିଅ କ୍ଷମାକାନ୍ତି ସରାଫ ମାଟ୍ରିକ ଶ୍ରେଣୀ ପର୍ଯ୍ୟନ୍ତ ବହୁତ ସୁନ୍ଦର ଭାବରେ ପଢାପଢି କରିବା ସହ ଭଲ ଥିଲେ। ହେଲେ ପରୀକ୍ଷା ସାରିବାପରେ ଧୀରେ ଧୀରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗିଡ଼ିବାରେ ଲାଗିଲା ଓ ଚାଲି ବୁଲି ପାରିଲେ ନହିଁ। ସେ ପକ୍ଷାଘାତ ରୋଗରେ ପୀଡିତ ହେଲେ। ତାଙ୍କର ପିତା ବହୁତ ଦୂର ଦୁରାନ୍ତ ହସ୍ପିଟାଲକୁ ନେଇ ତାଙ୍କୁ ଡାକ୍ତରଙ୍କ ପରାମର୍ଶ ମଧ ନେଇଥିଲେ ହେଲେ କୌଣସି ସୁଫଳ ମିଳିଲା ନାହିଁ। ଏବେ ତାଙ୍କର ଗୋଟିଏ ହାତ ଓ ଗୋଟିଏ ଗୋଡ କାମ କରୁନାହିଁ। ଏହି ସମସ୍ୟା ବିଷୟରେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ସ୍ୱେଚ୍ଛାସେବୀ ଯଶୋବନ୍ତ ରଣାଙ୍କ ନଜରରେ ଆସିବା ପରେ ସମାଜସେବୀ ରୁଦ୍ର ପ୍ରସାଦ ନାଏକଙ୍କ ଜରିଆରେ ଡକ୍ୟୁମେଣ୍ଟ ସଂଗ୍ରହ କରି ଡ଼ିଏସଏସଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅରୁଣ ମହାପାତ୍ରଙ୍କ ସହ ଯୋଗାଯୋଗ କରି ତାଙ୍କୁ ଶୀଘ୍ର ଗୋଟିଏ ହୁଇଲଚେୟାର ଓ ଦିବ୍ୟାଙ୍ଗ ଭତ୍ତା କରିଦେବାକୁ ନିବେଦନ କରିଥିଲେ। ଡ଼ିଏସଏସଓ ଶ୍ରୀ ମଦନଜିତ ହୋତାଙ୍କ ନିର୍ଦ୍ଦେଶରେ କୋକସରା ବିଏସଏସଓଙ୍କ ଜରିଆରେ କ୍ଷମାକାନ୍ତିଙ୍କୁ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ପିଇଓ ଅରବିନ୍ଦ ମେହେରଙ୍କ ଜରିଆରେ ଏକ ହୁଇଲଚେୟାର ପ୍ରଦାନ କରିଛନ୍ତି ଓ ଖୁବ କମଦିନ ଭିତରେ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଛନ୍ତି। ହୁଇଲଚେୟାର ପାଇବା ପରେ ତାଙ୍କ ପରିବାର ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା, ଡ଼ିଏସଏସଓ ମଦନଜିତ ହୋତା, ଅରୁଣ ମହାପାତ୍ର, କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ , ପିଇଓ ଅରବିନ୍ଦ ମେହେର, କୋକସରା ବ୍ଲକ ପ୍ରଶାସନଙ୍କୁ ଧନ୍ୟବାଦ ଜଣେଇଛନ୍ତି।

## ସଂପାଦକୀୟ

# ଅସଚେତନତା

କରୋନା ଭୂତାଣୁ କାହାକୁ ଆକ୍ରମଣ କରୁନାହିଁ । ଆମର ସଚେତନତା ମଧ୍ୟରେ ଅସଚେତନତା ହିଁ ତାହାକୁ ଶରୀର ମଧ୍ୟକୁ ଆମନ୍ତ୍ରଣ କରୁଛି । ଯାହା କୁହାଯାଉଛି ଚାଇନାରୁ ଏହା ଆସିଛି, ତାହା ପୁଣି ପବନରେ କିମ୍ବା ପାଣିରେ ପ୍ରବାହିତ ହୋଇ ଅନ୍ୟ ଅଂଚଳକୁ ବ୍ୟାପିନାହିଁ । ମଣିଷ ଦ୍ୱାରା ହିଁ ଗୋଟିଏ ଅଂଚଳରୁ ଅନ୍ୟ ଅଂଚଳକୁ ବ୍ୟାପିଛି । ମଣିଷ ଦ୍ୱାରା ହିଁ ଏହା ମଣିଷ ଦେହକୁ ବ୍ୟାପିଛି । ମଣିଷର ଅସାବଧାନତା ଯୋଗୁ ଏହା ସାରା ବିଶ୍ୱରେ ବିଦ୍ୟମାନ । ସାଧାରଣ ଜୀବାଣୁ ସାରା ବିଶ୍ୱକୁ କ୍ଷତି ପହଂଚାଇଛି । ଆମେ କେହି କେହି ମାଳିକାର ଉଦାହରଣ ନେଇଥାଉ ବିଶ୍ୱକୁ ତୁଳନା କରି ଯଦିଓ ମାଳିକା ଓଡ଼ିଶା ବା ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ବେଶୀ ଆଦୃତ । କରୋନା ଭୂତାଣୁ ଆଜିର ନୁହେଁ, ଅନେକ ଶହ ବର୍ଷ ଧରି ପୃଥିବୀରେ ଅଛି । ଭୂତାଣୁ ସାଧାରଣତଃ ଶହେ ବର୍ଷରେ, ପଚାଶ ବର୍ଷରେ, ତିରିଶ ବର୍ଷରେ ତାହାର ବିବର୍ତ୍ତନ ହୋଇ ମାନବ ସମାଜ ଉପରେ ସ୍ଥୁଳ ପ୍ରଭାବ ପକାଇଥାଏ । ପୃଥିବୀ ସବୁବେଳେ ତାହାର ସୂକ୍ଷ୍ମ ରୂପରେ ପରିବର୍ତ୍ତିତ ହେଉଛି । ବିଶ୍ୱରେ ଯେତେ ଘଟଣା ଘଟୁଛି ସବୁର କାରଣ ଅଛି, କାରଣ ଅଛି ବୋଲି ମଣିଷ ତାହାର ନିରାକରଣ କରିପାରୁଛି । ସେହିପରି କରୋନା କୋପରୁ ବର୍ତିବା ପାଇଁ ଚିକିତ୍ସା ବିଜ୍ଞାନୀ ଚେଷ୍ଟା ଚଳାଇଛନ୍ତି । କରୋନା ଭୂତାଣୁ ଅନେକ ଘର ଉଜାଡ଼ି ଦେଲାଣି । ପ୍ରତ୍ୟେକ ମଣିଷ ତାହା ଦ୍ୱାରା ଅତିଷ୍ଠ ହୋଇଗଲେଣି । ଅନେକ ଶିଶୁ ପିତାମାତାଙ୍କୁ ହରାଇ ଅନାଥ ହୋଇଗଲେଣି । ଅନେକ ଜ୍ଞାନୀ, ଅଭିଜ୍ଞତା ସମ୍ପନ୍ନ ମାନବ ସମ୍ବଳ ତାହାରି କୋପରୁ ଧରାପୃଷ୍ଠରୁ ବିଦାୟ ନେଲେଣି । ସେହିଭଳି ଅଭିଜ୍ଞ ସମ୍ପନ୍ନ ମାନବ ସମ୍ବଳଟିଏ ସୃଷ୍ଟି ପାଇଁ ହୁଏତ ଆମକୁ ଅର୍ଦ୍ଧ ଶତାବ୍ଦି ଅପେକ୍ଷା କରିବାକୁ ପଡ଼ିବ । ଯେଉଁମାନେ ଏ ବିପଦରୁ ଆମକୁ ଉଦ୍ଧାର କରୁଛନ୍ତି, ସେହି ଚିକିତ୍ସକମାନଙ୍କ ମଧ୍ୟରୁ ଅନେକଙ୍କୁ ଆମେ ହରେଇଲୁଣି । ପ୍ରତ୍ୟେକ ମଣିଷ ପ୍ରତ୍ୟେକ ପାଇଁ ଯେମିତି ଅଛୁଆଁ ହୋଇ ପଡ଼ିଛି । ନିଜ ପରିଜନ ନିଜ ଲୋକର ଶବକୁ ସତ୍କାର କରିବାକୁ ସାହାସ ହରାଇ ବସୁଛନ୍ତି । ଭୂତାଣୁ ସାରା ବିଶ୍ୱର ଜନଗଣର ଅନେକ ମୌଳିକ ଅଧିକାରକୁ ଛଡ଼ାଇ ନେଇଛି । ରାଜନୈତିକ, ଆଧ୍ୟାତ୍ମିକ, ସାମାଜିକର ସାମୂହିକ କାର୍ଯ୍ୟରୁ ମଣିଷକୁ ଯେମିତି ବାରଣ କରିଛି । ହାତଗୋଡ଼ ବାନ୍ଧିଲା ପରି ମଣିଷ ଘରେ ରହିବାକୁ ବାଧ୍ୟ ହେଉଛି । ତଥାପି ଆମେ ଚେତୁ ନାହୁଁ । ତଥାପି ମନ ମାନୁନାହିଁ, ଏ ଦୁର୍ଦ୍ଦିନରେ ଆମେ ନକଲି କରୋନା ଔଷଧ ତିଆରି କରି ଜନ ସମାଜର ଆହୁରି କ୍ଷତି ପହଂଚାଉଛୁ । ନିଶା କାରବାରରେ ଲିପ୍ତ ରହୁଛୁ । ଆମେ ଅନେକ ସମ୍ବେଦନଶୀଳ ହେଲେ ମଧ୍ୟ, ଦୁର୍ନୀତିରେ ଲିପ୍ତ ରହୁଛେ । ରୋଗୀଟିଏ ବୋହି ନେବାକୁ ଆମ୍ବୁଲାନ୍ସରେ ଅଧିକ ଅର୍ଥ ଦାବି କରୁଛେ । ଏ ଦୁର୍ଦ୍ଦିନରେ ଚିକିତ୍ସାରେ କିପରି ଅଧିକରୁ ଅଧିକ ଲାଭ ମିଳିବ, ଚେଷ୍ଟା କରୁଛେ । ସତରେ ଯେଉଁମାନେ କରୋନାରେ ସଂକ୍ରମିତ ହୋଇ କ୍ଷତି ଗ୍ରସ୍ତ ହୋଇଛନ୍ତି, ସେମାନେ କଣ ସତର୍କତା ଅବଲମ୍ବନ କରୁ ନଥିଲେ ? ଆମେ ସତର୍କତା ଅବଲମ୍ବନ କରୁଛେ ନିଶ୍ଚିତ । ସେହି ସତର୍କତା ମଧ୍ୟରେ ବି ଆମେ କେତେବେଳେ ସଂକ୍ରମିତ ନହେବା କିଏ ତାହା ନିଶ୍ଚିତତା କରିବ ? ଆମ ଶିକ୍ଷା ବ୍ୟବସ୍ଥାକୁ କରୋନା ଯେପରି କ୍ଷତିଗ୍ରସ୍ତ କରିଛି, ତାହା ଅନେକ ସମୃଦ୍ଧ ମାନବ ସମ୍ବଳ ସୃଷ୍ଟି କରିବାରେ, ଅନେକ ପିଢ଼ି ପର୍ଯ୍ୟନ୍ତ ତାହାର କୁପ୍ରଭାବ ପଡ଼ିବ । ଶତ୍ରୁ ଅଦୃଶ୍ୟ, ଯୁଦ୍ଧ ଭୂମି ଅଦୃଶ୍ୟ, ତାହାର ପ୍ରଭାବ କେବଳ ଦୃଶ୍ୟମାନ । କରୋନାର ତୃତୀୟ ଲହର ଓମିକ୍ରନ୍ ୬ ଗୁଣା ଅଧିକ ଡେଲ୍‌ଟାଠାରୁ । ବିଶେଷଜ୍ଞ ମତରେ ଚତୁର୍ଥ, ପଂଚମ ଏମିତି ଅନେକ ଲହର ଆସିବ, ତାପରେ ଧୀରେ ଧୀରେ ତାହାର ପ୍ରଭାବ କ୍ଷୀଣ ହେବ । ତଥାପି ଆମ ମାନଙ୍କର ମନ ଗହଳି କରିବାକୁ ଅଡ଼ି ବସୁଛି । ଅନେକ ଭାବନ୍ତି ଆମର କିଛି ହେବ ନାହିଁ, ଏହି ଭାବନା ମଣିଷକୁ ଅଧିକ ବିଶୃଙ୍ଖଳିତ କରୁଛି । ଏତେ କ୍ଷତି ସହିଲା ପରେ ମଧ୍ୟ ପରସ୍ପର ମଧ୍ୟରେ ସୋହାର୍ଦ୍ଦ୍ୟ ରହୁନାହିଁ, ପରସ୍ପର ମଧ୍ୟରେ ଅବିଶ୍ୱାସ ବଢ଼ିଛି । ସାମାଜିକ ଦୂରତା ନୁହେଁ ବରଂ ସାମାଜିକ ସମ୍ପର୍କର ଦୂରତା ବଢ଼ିଛି । କରୋନା ଭୂତାଣୁ ମଣିଷକୁ ନିଜକୁ ଚିହ୍ନିବାକୁ ବୋଧେ ଅନେକ ଶତାବ୍ଦୀ ପରେ ସୁଯୋଗ ଆଣି ଦେଇଛି । ପଂଚ ଭୂତର ସବୁ ମଣିଷ ପ୍ରକୃତିର ଏକ ନିର୍ଦ୍ଦିଷ୍ଟ ନିୟମରେ ବନ୍ଧା । ସେ ରାଷ୍ଟ୍ର ମୂଖ୍ୟ ହୁଅନ୍ତୁ, ସେ ନିମ୍ନ କର୍ମଚାରୀ ହେଉ, ସେ ଧନୀ ହେଉ ବା ଗରୀବ, ସେ ଶିକ୍ଷିତ ହେଉ ବା ଅଶିକ୍ଷିତ, ସଭିଏଁ ମୁହଁରେ ତୁଣ୍ଡି ଦେବାକୁ ବାଧ୍ୟ । କର୍ମମୟ ଜୀବନରେ ଅତିଷ୍ଠ ମଣିଷ, ପ୍ରତିଯୋଗିତା ମୂଳକ ଜୀବନ ଶୈଳୀ ମଧ୍ୟରେ ସୁଯୋଗ ପାଉନଥିଲା ନିଜ ପରିବାର ସହିତ ସମୟ ବିତାଇବାକୁ । ତାହାର ମୂଲ୍ୟ ବୁଝୁଛି ମଣିଷ । ଅନେକ ରାଷ୍ଟ୍ରର ବିଧି ବ୍ୟବସ୍ଥାରେ ଅନେକ ଦୁର୍ବଳତାକୁ ପଦାରେ ପକାଇ ଦେଇଛି । ଅନେକ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା କେତେ ନିକୃଷ୍ଟ ତାହା ଜଣାଇ ଦେଇଛି ଏହି ଭୂତାଣୁ । ସମାଜ ଦୁର୍ଯୋଗରୁ ଅନେକ କଥା ଶିଖେ, କରୋନା ମହାମାରୀ ଅନେକ କଥା ଶିଖାଉଛି । ସଚେତନତା ଅବଲମ୍ବନ କରି, ଶୃଙ୍ଖଳିତ ହୋଇ ଆମକୁ ଆଗକୁ ଯିବାକୁ ହେବ ।

# ମା'ଶାରଦା ଦେବୀ

ଭାରତ ବର୍ଷର ଅନ୍ୟତମ ପ୍ରସିଦ୍ଧ ସନ୍ଥ ତଥା ସ୍ୱାମୀ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଆଧ୍ୟାତ୍ମିକ ସହଧର୍ମିଣୀ ଥିଲେ ଶାରଦା ଦେବୀ । ୧୮୫୩ ମସିହା ଡିସେମ୍ବର ୨୨ ତାରିଖରେ ତାଙ୍କର ଜନ୍ମ ପଶ୍ଚିମବଙ୍ଗର ଜୟରାମବାଟୀ ନାମକ ଏକ ଗ୍ରାମରେ ହୋଇଥିଲା । ରାମକୃଷ୍ଣଙ୍କ ଅନୁଗାମୀ ମାନଙ୍କ ମଧ୍ୟରେ ଶାରଦା ଦେବୀ ଶ୍ରୀମା ନାମରେ ପରିଚିତ ଥିଲେ । ଶାରଦା ଦେବୀଙ୍କ ପିତା ଥିଲେ ରାମଚନ୍ଦ୍ର ମୁଖୋପାଧ୍ୟାୟ ଓ ମା' ଥିଲେ ଶ୍ୟାମସୁନ୍ଦରୀ ଦେବୀ । ମାତ୍ର ୬ ବର୍ଷ ବୟସରେ ଦେବୀ ଶାରଦାଙ୍କ ବିବାହ ରାମକୃଷ୍ଣଙ୍କ ସହ କରି ଦିଆଯାଇଥିଲା । ୧୮ ବର୍ଷ ବୟସ ହେବା ପରେ ସେ ପତିଙ୍କୁ ଦେଖା କରିବା ଲାଗି ଦକ୍ଷୀଣେଶ୍ୱରରେ ପହଂଚିଥିଲେ । ସେତେବେଳକୁ ରାମକୃଷ୍ଣ ପରମହଂସ ଦୀର୍ଘ ୧୨ ବର୍ଷ ଆଧ୍ୟାତ୍ମିକ ସାଧନା ଶେଷ କରି ସାରି ଆତ୍ମସାକ୍ଷାତକାର ଅବସ୍ଥାରେ ପହଂଚି ସାରିଥିଲେ । ସେ ଶାରଦା ଦେବୀଙ୍କୁ ସହର୍ଶ ଆପଣାଇ ନେଇଥିଲେ । ଏହାପରେ ରାମକୃଷ୍ଣଙ୍କ ସହ ଦେବୀ ଆଧ୍ୟାତ୍ମିକ ଜୀବନ ବିତାଇଥିଲେ । ସନ୍ଥ ରାମକୃଷ୍ଣ ଦେବୀ ଶାରଦାଙ୍କୁ ଜଗତ୍‌ମାତା ରୂପରେ ଦେଖୁଥିଲେ । ୧୮୮୬ରେ ରାମକୃଷ୍ଣଙ୍କ ଦେହାନ୍ତ ପରେ ଶାରଦା ଦେବୀ ତୀର୍ଥ ଭ୍ରମଣ ନିମନ୍ତେ ଚାଲିଯାଇଥିଲେ । ସେଠାରୁ ଫେରିବା ପରେ ତାଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ହୋଇପଡ଼ିଥିଲା । ସେ କାମାରପୁକୁରରେ ରହୁଥିଲେ । ତାଙ୍କ ଅବସ୍ଥା ଦେଖି ରାମକୃଷ୍ଣଙ୍କ ଭକ୍ତମାନେ ତାଙ୍କୁ କଲିକତା ନେଇ ଆସିଥିଲେ । କଲିକତା ଆସିବା ପରେ ତାଙ୍କ ଜୀବନରେ ପରିବର୍ତ୍ତନ ଆସିଥିଲା । ସେ ଦୀକ୍ଷା ପ୍ରଦାନ କରି ଶିଷ୍ୟ ଗ୍ରହଣ କରିବାକୁ ଲାଗିଲେ ।

# ନୂଆ ଓ ସଶକ୍ତ ଭାରତ ପ୍ରତିଜ୍ଞା

**ଇଂ. ବିଦ୍ୟାଧର ପଣ୍ଡା**

ସେଠୀବାବୁଙ୍କ ନାତୁଣୀଟା ପୁରାପୁରି ବିଗିଡି ଯାଇଛି । ଦିନରାତି ଟିକ୍‌ଟକ୍, ଫେସ୍‌ବୁକ୍ ଓ ଚାଟିଂପାଇଁ ମୋବାଇଲ୍ ଧରି ବସିଯାଉଛି । ଏପରିକି ଗାଧୁଆଘରେ ଓ ଖାଇବାବେଳେ ବି ଡାଇନିଂ ଟେବୁଲ୍‌ଉପରେ ମୋବାଇଲ୍ ତା'ପାଖରେ ରଖୁଛି । ପ୍ରତିଦିନ ସକାଳଶେଯରୁ ଉଠି ଘଂଟାଏ ୟୁଟ୍ୟୁବ୍ ଭିଡିଓ ଘାଂଟିଲାପରେ ଯାଇ ବାଥ୍‌ରୁମ୍‌ରେ ପଶୁଛି । ଆଜି ତା'କୁ ମିଳିଛି ଗୋଟିଏ ମଜାଦାର ଭିଡିଓ ଯେଉଁଥିରେ ମନ୍ତ୍ରୀ କିଛି ସରକାରୀ ଯନ୍ତ୍ରୀମାନଙ୍କୁ ନାଲାୟେକ୍, ନିକମ୍ମା ଓ ବିଷକନ୍ୟା ବୋଲି ଗାଳିଗୁଲଜ କରିଛନ୍ତି । ସିଏ ତେଣୁ ଜେଜବୁଢାକୁ ସକାଳୁ ଉଠେଇ ସେହି ଭିଡିଓଟି ଶୁଣିବାକୁ ବାଧ କରୁଛି । ଜେଜବାପା ସେହି ରଇଜଳା ଭିଡିଓଟିକୁ ମାସେଆଗରୁ ଦେଖି ମନଖରାପ କରିସାରିଛନ୍ତି । ଯା'କୁ ପ୍ରାୟ ସରକାରୀ ଯନ୍ତ୍ରୀବାବୁମାନେ ଲୁଚିଲୁଚି ଦେଖିଛନ୍ତି । ମାସକ ଭିତରେ ଏହାକୁ ୪୪୬କ, ଅର୍ଥାତ୍ ଚାରିଲକ୍ଷ ଛୟାଳିଶ ହଜାର ଲୋକ ଲାଇକ୍ ବି କଲେଣି । ମୋର ପାଠକମାନଙ୍କ ଭିତରେ ଯଦି କେହି ସରକାରୀ ଯନ୍ତ୍ରୀ ବାକି ଅଛନ୍ତି ଏବଂ ଏ ପର୍ଯ୍ୟନ୍ତ ଯନ୍ତ୍ରୀମାନଙ୍କ ପାଇଁ ଏପରି ପଦ୍ମତୋଳା ଭିଡିଓ ଦେଖିବାରୁ ବଂଚିତ ଅଛନ୍ତି ତେବେ ତୁରନ୍ତ ଦେଖିନିଅନ୍ତୁ । ମଲା ଗଲା ସଂସାର । ମରିହଜି ଗଲେ ମନରେ ବିରାଟ ବଡ ଅବସୋସ ରହିଯିବ । ଆପଣମାନଙ୍କ ସୁବିଧା ପାଇଁ ଏଠାରେ ୟୁଟ୍ୟୁବ୍ ଭିଡିଓ ଲିଂକ୍‌ଟିକୁ ବି ଦେଇଦେଉଛି । (ଖଫ୍ପଫ୍ପକ୍ଷ୍ୱ:// ଛକ୍ଟଙ୍କଫ୍ଙ୍କ.ଭର/ଭ୬ଉଏପ୬କ୍ଷ୍ଟ୍‌ଖଛଣ) ଭୁଲ୍‌ବଶତଃ ମନ୍ତ୍ରୀ ବହୁତ ଅପ୍ରିୟ ସତକଥାଗୁଡା ଏମିତି ବାନ୍ତିକରି ଓଗାଳି ଦେଇଛନ୍ତି ଯେ ସହି ହେଉନି କି କହି ହେଉନି । ଯିଏ ବାହାରେ ଶୁଣୁଛି ସିଏ ମନ୍ତ୍ରୀଙ୍କ ସାହସକୁ ବହୁତ ପ୍ରଶଂସା କରୁଛି । ନାତୁଣୀ ଜାଣେ ଯେ ତା'ଜେଜବାପା ଏମିତି ଜଣେ ନାଲାୟେକ୍, ନିକମ୍ମା ଓ ବିଷକନ୍ୟା ସରକାରୀ ଅଧିକାରୀ ନିଶ୍ଚୟ ହୋଇଥିବେ, ତେଣୁ ତା'ଙ୍କୁ ଶୁଣେଇ ସିଏ ତାଙ୍କର ଶ୍ରୀମୁଖର ହାବଭାବ ଦେଖି କିଛିକ୍ଷଣ ମଜାନେବାକୁ ଚାହିଁଲା ବେଳେ ସେଠୀବାବୁ ନିଦଲାଗୁଛି ବୋଲି ବାହାନା କରି ଶୋଇବାର ମିଛ ଅଭିନୟ କରୁଛନ୍ତି । ନାତୁଣୀ ଆଜିକାଲିକା ଟୋକି, ନଛୋଡବନ୍ଧା ଜିଦି ଝିଅ କ'ଣ ସହଜରେ ଛାଡିବ ! ଜବରଦସ୍ତି ବୁଢାକୁ ଉଠେଇ ଶୁଣେଇଲା ବେଳେ ବୁଢା ମୁହଁ ଖଟ୍ଟାହେବାର ଦେଖିଲା । ତା'ପରେ ବୁଢା ମନମାରି କହିଲା ଆଜିକାଲି କୋଉ ଶ..ମନ୍ତ୍ରୀଟା ଭଲଲୋକ ଯେ ସିଏ ଯନ୍ତ୍ରୀଗୁଡାଙ୍କୁ ଏତେକଥା କହୁଛି ! ଚୌକିରେ ଅଛି ଯେତେବେଳେ ସିଏ କହିବ, ଆମେ ଶୁଣିବୁ । କିନ୍ତୁ ଯୁ ଏଗୁଡା ସବୁ ଭଦ୍ରଲୋକଙ୍କ କାମ ଆଦୌ ନୁହଁ । କହିଲ ତ କହିଲ, ଭିଡିଓ କରି ୟୁଟ୍ୟୁବ୍‌ରେ ଛାଡି ଯନ୍ତ୍ରୀଗୁଡାଙ୍କୁ ଏମିତି ବେଜିତ୍ କରିବାଟା କ'ଣ ଠିକ୍ କଥା !

ନାତୁଣୀ ସବୁ ବୁଝିଗଲା । ସିଏ ତାଙ୍କରି ଘରେ ଦେଖୁଛି ତା ବାପା'ମା' ଚାକିରି ଖୋଜିଖୋଜି ଥକି ଗଲେଣି । ଅବଶ୍ୟ ଜେଜବାପା ବହୁତ ଧନ ଗଚ୍ଛିତକରି ରଖିଛି । ତିନିପୁରୁଷ ବସି ଖାଇଲେ ବି ସରିବନି । କିନ୍ତୁ ଖାଲି ମନ ସଇତାନ । ଘରେ ବସିଲେ ଭଲ ଲାଗୁନି । ଦିନେ ନାତୁଣୀ ଗୀତାକୁ ତା'ବାପା କହିଲା, 'ଆମକୁ ଆଉ ଚାକିରି ମିଳିବନି ।' ଗୀତା ପଚାରିଲା, 'କାହିଁକି ମିଳିବନି ।' ସେଦିନ ତା'ବାପା ମନଦୁଃଖରେ କହିଲା, 'ଆମକୁ କେମିତି ମିଳିବ ? ଆମପାଇଁ କୋଉଠୁ ଚାକିରି ଆସିବ ? ତୋ'ଜେଜବାପା ପରି ସମସ୍ତେ ତ ଅବସର ପରେ ଅବସରବାଦୀ ହୋଇ ଅବସର ଖୋଜିଲେ । ସେମାନେ ପେନସନ୍ ସାଙ୍ଗରେ ପ୍ରକୃତ ଦରମାର ଅଧା ଦରମାରେ କାମ କରିବାକୁ ସହଜରେ ପ୍ରସ୍ତୁତ ହୋଇ ଯାଉଥିବାରୁ ଆମକୁ କିଏ ପଚାରିବ ? ବୟସ ଗଡିଯାଉଛି, ଆଉ ମିଳିବନି ।' ଗୀତା ବୁଝିଲା,' ଅବସର ପରେ ଅବସର ଇଚ୍ଛାକରି ବୁଢାମାନେ ଯୁବକମାନଙ୍କୁ ତା'ଙ୍କ ପାଇଁ ଉଦ୍ଦିଷ୍ଟ କର୍ମସଂସ୍ଥାନ ସୁଯୋଗରୁ ସେମାନଙ୍କୁ ବଂଚିତ କରୁଛନ୍ତି । ସେମାନଙ୍କ ମନଭିତରେ ଅସୁରକ୍ଷିତ ଭାବନା ଜାଗ୍ରତ ହେଉଛି ଏବଂ ଶେଷରେ ଚାକିରି ନପାଇ ସମାଜରେ ଶୋକାକୁଳ ନାକାରାତ୍ମକ ପରିବେଶ ସୃଷ୍ଟି କରୁଛନ୍ତି ।' ସେଥିପାଇଁ ସିଏ ଜେଜବାପାକୁ ଏସବୁ ଶୁଣେଇ ତା'ଙ୍କ ଚାକିରି ଛଡେଇ ଘରେ ଶେଷ ଜୀବନକୁ ପୂଜାଧିଜା କରି ଉପଭୋଗ କରନ୍ତୁ ବୋଲି ନିଜେ ଚାହୁଁଥିବାରୁ ସେ ଅପମାନ ଭରା ଭିଡିଓଟିକୁ ତା'ଙ୍କୁ ଦେଖିବାକୁ ଏମିତି ଆଗ୍ରହ କରୁଛି । କିନ୍ତୁ ବୁଢା ନାକନିଶ ତଳେଲାଗି ଘୁଷୁରିବା ଯାଏ ରୋଜଗାର କରିବ ବୋଲି ନିଷ୍ପତି ନେଇ ସାରିଛି । ଯନ୍ତ୍ରୀ ଚାକିରିର ଉପୁରି ଭିତିରି ମହୁ ସୁଆଦ ଥରେ ଯିଏ ପାଇଛି, ସିଏ କ'ଣ ଥୟ ହୋଇ ଘରେ ବସିପାରିବ ! କାଳା ଆଗରେ ମୂଳା ଚୋବେଇଲା ପରି ତା'ଙ୍କୁ ବୁଝେଇ ଲାଭ କିଛି ନାହିଁ ।

ଅବସର ବେଳକୁ ସେଠୀବାବୁ ଥିଲେ ଜଣେ ଅଧିକ୍ଷଣ ଯନ୍ତ୍ରୀ । ମାସିକ ସରକାରୀ ଧଳାଟଙ୍କାରେ ଦରମା ମାତ୍ର ଲକ୍ଷ । କିନ୍ତୁ ଠିକାଦାରଙ୍କ ପାଖରୁ କଳାଟଙ୍କା ଫରମା ଅତିକମ୍‌ରେ ପାଂଚ ଛଅ ଲକ୍ଷରୁ ଅଧିକ । ପ୍ରଫେସର୍ ସ୍ତ୍ରୀଙ୍କର ସରକାରୀ କଲେଜରେ ୟୁଜିସି ହାରରେ ଦରମା ଦୁଇ ଲକ୍ଷ ଏବଂ ପୁଅକୁ କୋଟିଏ ଟଙ୍କା ଖର୍ଚ୍ଚକରି ଏବେ ଗୋଟିଏ ଜିଲ୍ଲାପାଇଁ ଏକ କମ୍ପାନୀର ସିଆଣ୍ଡଏଫ୍ ଦେଇଛନ୍ତି ଯେ ଆମଦାନି ଲକ୍ଷଟଙ୍କା ଭିତରେ ହେବାକୁ ଆରମ୍ଭ ହୋଇଛି । ଅବସର ପୂର୍ବ ଆର୍ଥିକବର୍ଷର କର ଆକଳନ କଲାବେଳେ ଓକିଲ ସେଠୀବାବୁଙ୍କୁ କେତେ କ'ଣ ପଚାରିପଚାରି ବ୍ୟତିବ୍ୟସ୍ତ କରିଦେଲା । ଏମିତି ଆଲମିରାରେ ଟଙ୍କା ସୁନା ଭର୍ତି, କିନ୍ତୁ ପଚାଶ ହଜାର ଟଙ୍କା ଜମାଖାତାକୁ କୋଉଠୁ ଆସିଲା କହି ପାରିଲେନି । ବହୁତ ଚିନ୍ତା କଲାପରେ ମଥାରେ ଝାଳ ଆସିବାରୁ ଯାଇ ସେ ପଇସା ରୋଜଗାର କଥା ମନେପଡିଲା । ସେ ପଇସା ତା'ଙ୍କ ଗୁହାଳରେ ବନ୍ଧା ହୋଇଥିବା ଗାଇ ଦେଇଛି । ଦିନକୁ ପାଂଚଲିଟର କ୍ଷୀର, ମାସକୁ ଦେଢଶହ ଲିଟର ଏବଂ ବର୍ଷକୁ ଅଠରଶହ ଲିଟର । ଦେଶୀଗାଇ କ୍ଷୀରକୁ ପଡୋଶୀମାନେ ଅଠେଇଶଟଙ୍କା ପ୍ରତି ଲିଟର ହିସାବରେ ହିସାବ କରି ଘରୁ ନେଇପଳାନ୍ତି । ତା'ଙ୍କ ଭିତରେ ଜଣେ ସମସ୍ତ ନାଗୁଆମାନଙ୍କଠାରୁ ସଂଗ୍ରହକରି ଏକାବେଳେ ସେଠୀବାବୁଙ୍କ ଦରମାବାଲା ବ୍ୟାଙ୍କ୍ ଖାତାରେ ଜମା କରିଦେଇଛି । ସାର୍‌ଙ୍କର ଘରକୁ ଗାୟମୋଟ ଆମଦାନି ମାସକୁ ଦଶଲକ୍ଷ ଥିବାବେଳେ ଏ ସାମାନ୍ୟ ପଚାଶହଜାର ଟଙ୍କା କଥା କିଏ ମନେ ରଖୁଛି ! ତେଣୁ ଗାଇ କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ । ପ୍ରକୃତରେ ଗାଈକ୍ଷୀରରୁ ଅଠରଶହ ଲିଟରକୁ ଅଠେଇଶ ଟଙ୍କା ହିସାବରେ ରୋଜଗାର ହୋଇଛି ଗାୟମୋଟ ଟ୫୦,୪୦୦ଙ୍କା, କିନ୍ତୁ ସେ ଲୋକଟା ଚାରିଶହ ଟଙ୍କା ଖୁଚୁରା ନିଜ ପାରିଶ୍ରମିକ ବାବଦକୁ ରଖି ପଚାଶହଜାର ଟଙ୍କା ରାଉଣ୍ଡଫିଗର୍ ଜମା କରିଦେଇଛି ।

ଓକିଲ ସାହେବ କର ଆକଳନ କଲାବେଳେ ସେଠୀବାବୁଙ୍କୁ ଟେକି କହିଲେ, 'ଆଜ୍ଞା ! ଆପଣଙ୍କ ପରି ସଚ୍ଚୋଟ ମୁଁ ଏ କଳିକାଳ ଦୁନିଆରେ କୋଉଠି ବି ଦେଖିନି । ଶେଷରେ ଗାଈକ୍ଷୀର ହିସାବକରି ବି ଦେଶର ଉନ୍ନତି ପାଇଁ କର ପୈଠ କରିଦେଲେ । ସେଠୀବାବୁ ବି କୋଉ କମ୍, ଲମ୍ବାଭାଷଣ ମାଧ୍ୟମରେ କହିଲେ, 'ଆମେ ନଦେଲେ ଦେବ କିଏ ? ଦେଶକୁ ରାଫେଲ୍ ହେଲିକ୍ୟାପ୍ଟର କେମିତି ଆସିବ ? କର ଆକଳନ ସାରି ଓକିଲ ମହାଶୟ ସେଠୀବାବୁଙ୍କ ଘରୁ ଫେରିଲାବେଳେ ମୁଖ୍ୟଫାଟକ ବନ୍ଦ ଥିଲା । ଚାକରଟୋକା କହିଲା, 'ସାର୍ ! ଏଇ ଗୁହାଳ ବାଟେ ପଳାନ୍ତୁ ।' ଗୁହାଳ ଭିତରଦେଇ ଓକିଲମହାଶୟ ବାହାରକୁ ଗଲାବେଳେ ନଜର ପଡିଲା ସେହି ରୋଜଗାରିଆ ଦେଶୀଗାଇ ଉପରେ । ଚାକରଟୋକାକୁ ପାଖକୁ ଡାକି ପଚାରିଲେ, 'ବାବୁ ! ଏ'ଗାଇ ଦିନକୁ ପାଂଚଲିଟର କ୍ଷୀର ଦେଉଛି ? ଯା'ର ପହ୍ନା କାଇଁ ? ଚାକରଟୋକା ଯାହା କହିଲା ଓକିଲମହାଶୟଙ୍କ କାନ ତାଦା ହୋଇଗଲା ଏବଂ ଜ୍ଞାନଚକ୍ଷୁ ଖୋଲିଗଲା । ଝପଟି ଝପଟିକି ଗଲାବେଳେ ଓକିଲବାବୁ ଗୁଣୁ ଗୁଣୋଉଥିଲେ, 'ସେଠୀବାବୁ ସତରେ ଖାଲି ସଚ୍ଚୋଟ ନୁହେଁ ବହୁତ ବଡ ସଚ୍ଚୋଟ ବ୍ୟକ୍ତି । ଯଦି ତା'ଙ୍କ ଗୁହାଳରେ ବାଞ୍ଝଗାଇ ବର୍ଷକୁ ଅଠରଶହ ଲିଟର କ୍ଷୀର ଦେଉଥିଲା ତେବେ ଦୁହାଁଳିଆ ଗାଇଟିଏ ଥିଲେ ତ ଦୁଧର ବନ୍ୟା କରି ଦେଇଥାନ୍ତା, ଆମେ ଭାସି ଯାଇଥାନ୍ତୁ । ଗ୍ୟାହାପ..ଶ..ଆମକୁ ବର୍ଷକୁ ପାଂଚଶହ ଗଣି ଦେଲାବେଳକୁ ଫାଟୁଛି, ଜମାଖାତାକୁ ପଚାଶହଜାର କୋଉଠୁ ଆସିଲା କହିପାରୁ ନାହାନ୍ତି, କଣ ନା ବାଞ୍ଝଗାଇଠୁ କ୍ଷୀର ଦୁହିଁଛନ୍ତି । ଘୋର କଳିଯୁଗ, କରୋନା କଣ ମିଛକୁ ଆସୁଛି । ସଂସାର ଧ୍ୱଂସ ହେବା ବେଳ ପାଖେଇ ଆସିଲା ବୋଧେ । ହଁ ମ, କେନ୍ଦ୍ରାପଡା ଚାରିମୂଳ ଆଶ୍ରମରେ ସିମେଂଟ ଗାଇ କ୍ଷୀର ଦେଉଥିଲା ଯେତେବେଳେ ସେଠୀବାବୁଙ୍କ ଗୁହାଳରେ ବାଞ୍ଝଗାଇ ପହ୍ନାରୁ କାହିଁକି କ୍ଷୀର ନ ବାହାରିବ !' ଏକଥା ଚାକରଟୋକା ଶୁଣି ମୁରୁକି ମୁରୁକି ହସୁହସୁ ବାଞ୍ଝଗାଇ ପହ୍ନାରେ ହାତମାରି ସତମିଛ ପରୀକ୍ଷା କରୁଥିଲା । ତା ମନରେ ସନ୍ଦେହ ହେଉଥାଏ ଯେ କାଳେ ସିଏ ଶୋଇଲା ବେଳେ ବାବୁ ବାବୁୟାଣୀ ଗାଈକୁ ଦୁହୁଁଥିବେ !

ସେଠୀସାହେବଙ୍କର ଅବସର ନେବା ଦିନ ଯେତେଯେତେ ପାଖେଇ ଆସୁଥାଏ, ମନ ସେତେ ଉଦାସ ହୋଇ ଭାରି ଲାଗୁଥାଏ । ଯଦିଓ ଅବସର ପରେ ବି ଘରର ଆମଦାନୀ ଚାରି ଲକ୍ଷ ପାଖାପାଖି ହେବ, ତଥାପି ଅମାନିଆ ମନଟା ଜମାରୁ ମାନୁ ନଥାଏ । ମୁର୍ଖବାପାକୁ ଦୋଷ ଦେଉଥାନ୍ତି । ନାଁ ଲେଖେଇଲା ବେଳେ ଷଡଙ୍ଗୀ କି ରାୟବାବୁଙ୍କ ବୋପାପରିକା ଯଦି ଦୁଇ ତିନିବର୍ଷ ଜନ୍ମତାରିଖରେ ଏପଟସେପଟ କରିଥାଆନ୍ତା ତେବେ ଆଉରି ଦି ତିନି ବର୍ଷରେ ଦି ତିନି କୋଟି ମଣିଷ କମେଇ ଦେଇଥାନ୍ତା । ଭାଗ୍ୟ ଖରାପ । ଏମିତିଆ ନିର୍ବୁଦ୍ଧିଆ ବାପାର ପୁଅ ହେବାକୁ ଥିଲା । ଛାଡ, ଏବେ ଆଉ ଭାବି ଲାଭ କଣ ! ହଠାତ୍ ଦଶବାର ଲକ୍ଷରୁ ତିନିଚାରି ଲକ୍ଷ ରୋଜଗାର ହେଲାବେଳକୁ ଆତ୍ମାକୁ ବାଧୁଛି । ଦୁଇବର୍ଷପରେ ଧର୍ମପତ୍ନୀ ଅବସର ନେଲାପରେ ଆଉରି ବହୁତ କମିଯିବ । ଏମିତି ଘଡିସନ୍ଧି ବେଳକୁ ରାୟବାବୁଙ୍କ ଫୋନ୍ ଆସିଲା ।

-ସେଠୀ ବାବୁ ! କଣ ଚାଲିଛି ?

– କଣ ଆଉ ଚାଲିବ । ମନଦୁଃଖରେ ବସିଛି । ଆଉ ମାତ୍ର ତିନିମାସ । ତାପରେ ତ ଘରେ ବସିବାକୁ ପଡିବ ।

– ଆମ ପରି ସାଙ୍ଗ ଥାଉଥାଉ ଘରେ ବସିବା କଥା ଭୁଲିଯା । ମୁଁ ଏବେ ଏନ୍‌ଏଚ୍‌ଆଇରେ ସିଜିଏମ୍ ଅଛି । ତୁମଘର ଦେଇ ଗୋଟେ ଚାରିଥାକିଆ ରାସ୍ତା ଆରମ୍ଭ ହେବ । କହ ! କୋଉ ପୋଷ୍ଟରେ ରହିବୁ ? ଏମ୍‌ଏନ୍‌ସି କମ୍ପାନୀ, ଭଲ ଦରମା । ଟିଏଲ୍ ରହିଲେ ଦୁଇ ଲକ୍ଷ, ଆରି ରହିଲେ ଦେଢଲକ୍ଷ । ବାକି ବିଇ କି ଏମ୍‌ଇ ହେଲେ ଲକ୍ଷଟଙ୍କା ଦରମା ମିଳିବ । ତୁ ସେଠି ରହିଲେ ଠିକାଦାର ଆମକଥା ବି ଭଲ ବୁଝିବ । ପ୍ରୋଜେକ୍ଟ କାମରେ ସହ୍ଲକାରମାନଙ୍କୁ ବି କିଛି କିଛି ମିଳେ । ଯଦିଓ ସରକାରୀ ଚାକିରି ପରି ନୁହେଁ ତଥାପି ଚଳିବ ।

– ଭାଇ ! ଟିଏଲ୍ ଆରି ପୋଷ୍ଟରେ କାମ ବେଶୀ । ବିଇ ରହିଲେ ସବୁ ପୋଲଗୁଡାର ଦାୟିତ୍ୱ ରହିବ । ଗୋଟାଏ ଯଦି ଗଳିଗାଳି ପଡିବ, ମଣିଷ ହଇରାଣ । ଏମ୍‌ଇ ଟା ଠିକ୍ ।

– ଠିକ୍ ଅଛି । ଏ ପୌଜେକ୍ଟର ପ୍ରପୋଜାଲ୍ ଏବେ ଫାଇନାଲ୍ ହେଉଛି । ତୋର ତ ଏବେ ଦୁଇ ତିନିମାସ ଯିବ । ସେମାନେ ଯେଉଁ ଏମ୍‌ଇପ୍ରାର୍ଥୀକୁ ପ୍ରପୋଜ୍ କରିଛନ୍ତି, ଆମେ ତାକୁ ରିଜେକ୍ଟ କରିଦେଉଛୁ । ତୁ ଅବସର ପାଇ ଆସିଲେ ସେହି ପୋଷ୍ଟରେ ଜୟେନ୍ କରିବୁ, ମୋ'କଥା ମନେ ରଖିଥିବୁ ।

– କି କଥା କହୁଛୁ ! ଆଜିଠାରୁ ଜାଣ ମୁ ଭଲରେ ଶୋଇବି । ମୋତେ ମାସେହେଲା ନିଦ ହେଉ ନଥିଲା ।

– ଓକେ, ଓକେ ବାୟ୍ ବାୟ୍ ।

ଯୋଜନା ମୁତାବକ ସବୁକିଛି ହେଲା । ସେଠୀବାବୁଙ୍କୁ ଅବସର ପରେ ବଢିଆ ଅବସରଟିଏ ମିଳିଗଲା । ଏଗାରଟାରେ ଅଫିସ୍ ଆସି ଗୋଟାଏ ବେଳେ ମଧ୍ୟାହ୍ନ ଭୋଜନ ପାଇଁ ଘରକୁ ଯାଇ ଶୋଇଲେ । ଅପରାହ୍ନ ଚାରିଟାରେ ଉଠି ସାଢେ ପାଂଚଟା ପର୍ଯ୍ୟନ୍ତ ଅଫିସରେ କଫି ପି ଘରକୁ ଗଲେ । କିଛିମାସ ପରେ ସେଠୀ ସାହେବ ଠିକାଦାର ପାଖକୁ ଫରମା ପାଇଁ ଗଲେ । ସହ୍ଲକାରମାନଙ୍କୁ ନିଜନିଜର ମିଳୁଥିବା ଦରମା ଭିତିରେ କିଛି ଅଂଶ ଠିକାଦାର ମାସକୁମାସ ଦେଇଥାଏ । କିନ୍ତୁ ଜବରଦସ୍ତି ଚଳିବନି । ଇଚ୍ଛା ପାଇଲେ ଦିଏ ନହେଲେ ନାହିଁ । ଠିକାଦାର ପ୍ରକଳ୍ପ ଅଧିକାରୀ ଏବଂ ସହ୍ଲକାରମାନଙ୍କ କର୍ମଶୈଳୀ ଉପରେ ଏହାର ପରିମାଣ ଏବଂ ସମୟ ଆଦି ଅନେକାଂଶରେ ନିର୍ଭର କରେ । କିନ୍ତୁ ସରକାରୀ ପଦପଦବୀ ତୁଳନାରେ ଏସବୁ ବହୁତ କମ୍, ନା କେ ବରାବର । ଠିକାଦାରର ଅଫର ପରିମାଣ ସେଠୀସାହେବଙ୍କୁ ପସନ୍ଦ ଆସିଲାନି । ସେ କହିଲେ ଅତିକମ୍‌ରେ ତାଙ୍କୁ ଏହାର ତିନି ଚାରିଗୁଣ ଦରକାର । ଠିକାଦାର ପଛଘୁଂଚା ଦେବାକୁ ବାଧ ହେଲା । ବାରମ୍ବାର ସେଠୀବାବୁ ଠିକାଦାରଙ୍କର ଉପରଉପର ଅଧିକାରୀମାନଙ୍କୁ ଦେଖାକରି ସେହି ଏକା କଥା ଦୋହରାଇଲେ ବି କିଛି ସୁଫଳ ମିଳିଲାନି । ସେମାନେ ସମସ୍ତେ ସେହି ଏକା କଥା କହୁଥାନ୍ତି ଆମେ ଟିଏଲ୍‌କୁ ଏତିକି ଦେଉଛୁ ମାନେ ଆପଣଙ୍କୁ ଏତେ ବେଶୀ କେମିତି ଦେବୁ ? ସେଠୀବାବୁ ରାଗିକି କହିଲେ ମୁଁ କେତେ ବଡପଦବୀରୁ ଅବସର ନେଇ ଏ ଛୋଟ ପଦବୀରେ ଅଛି । ମୋ ସାଙ୍ଗ ସବୁ ତୁମର ବଡବଡ ଅଧିକାରୀ । ସାଧାରଣ ସେ ଛୁଆ ଭିକାରି ଟିଏଲ୍ ମୋର ସମାସ୍କନ୍ଦ ! ତାକୁ ଯାହା ଦେଉଛ ଦିଅ, କିନ୍ତୁ ମୋତେ ଏତିକି ହେଲେ ନେବି ନହେଲେ ନାହିଁ । ଦୁହେଁ ନିଜନିଜ ଜିଦିରେ ଅଟଳ ରହିବାରୁ ଶେଷରେ ପ୍ରୋଜେକ୍ଟ କାମ ଆଗେଇଲା । ସମସ୍ତଙ୍କ ପାଖରେ ମୁହଁ ଖର୍ଚ୍ଚକରି ନିରାଶ ହେବାପରେ ସେଠୀବାବୁ ସେହି ଠିକାଦାର ପାଖକୁ ଯାଇ ପ୍ରଥମରୁ ଏପର୍ଯ୍ୟନ୍ତ ଯାହା କହୁଥିଲେ ସେତିକି ଦେବାକୁ ଅନୁରୋଧ କରିବାରୁ ଠିକାଦାର ଆଉ ମାନିଲାନି । ତାପରେ ସେ ପାଲଟିଗଲେ ବିଷକନ୍ୟା, ଯାହାକୁ ପାଇଲେ ଚୁମିଲେ ଏବଂ ମାରିଚାଲିଲେ । କିଛିଦିନ ତଳେ ମୋତେ ବି ତାଙ୍କ ଦଂଶନର ଶିକାର ହେବାକୁ ପଡିଛି । ଏବେ ବି ସେ ମହାଶୟ ଅନ୍ୟ ଏକ ସୁଯୋଗ ଅପେକ୍ଷାରେ । ଏସବୁ ଘଟଣାକ୍ରମକୁ ପାଠକ ଯଦି ତର୍ଜମା କରନ୍ତି ତେବେ ଏ ଅସ୍ଥାୟୀ ଡେପୁଟେସନ୍ ଏବଂ ଅବସର ପ୍ରାପ୍ତ ଦୁର୍ନ୍ନୀତିଖୋର ଅଧିକାରୀଗଣ କେମିତି ଆମଦେଶକୁ ଖୋଳ କରୁଛନ୍ତି ସହଜରେ ବୁଝିହେବ । ଏଥିରେ ଯେଉଁ ସରକାର ଆସୁ କିଏ ବା କ'ଣ ବା କରିପାରିବ ? ଅବସର ପରେ ଅବସର ଦେଲେ ଆତ୍ମନିର୍ଭର ଭାରତ ଏବଂ ପାଂଚଟ୍ରିଲିୟନ୍ ଆର୍ଥିକ ଶକ୍ତିବାଲା ସ୍ୱପ୍ନ ସ୍ୱପ୍ନରେ ହିଁ ରହିବ । ସମୟ ଆସିଛି । ଏବେ ସମସ୍ତ ନାଲାୟେକ୍ ନିକମ୍ମା ଏବଂ ବିଷକନ୍ୟାମାନଙ୍କୁ ବାହାରକରି ଯୁବଗୋଷ୍ଠିଙ୍କୁ ପ୍ରୋତ୍ସାହନ ଦେଲେ ଯାଇ ୨୦୨୨ମସିହାରେ ମୋଦୀଜୀଙ୍କର ନୂଆ ଓ ସଶକ୍ତ ଭାରତ ପ୍ରତିଜ୍ଞା ପୁରା ହୋଇପାରେ ।

**ଖଣ୍ଡଗିରି, ଭୁବନେଶ୍ୱର-୧୯**

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ

**ଡାକ୍ତର ରବି ରଞ୍ଜନ ସାହୁ**

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଂଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଂଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଂଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଂଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡ଼େଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ । ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଂଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଂଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଂଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଂଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଂଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ୍ୟ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ ।




# ରାସ୍ତାରେ ଲେଖା ହେଲା ଏଠି ଚୁମ୍ବନ ମନା

ମୁମ୍ବାଇର ଏକ ସୋସାଇଟି ଖୋଲାଖୋଲି ଚୁମ୍ବନକୁ ଆପତିଜନକ କହି ନିଜ କଲୋନୀକୁ ନୋ କିସିଂ ଜୋନ୍ ଘୋଷଣା କରିଛି। କଲୋନୀ ଗେଟ୍‌ରେ ନୋ କିସିଂ ଜୋନ୍ ସାଇନ୍ ବୋର୍ଡ ଲଗାଯାଇଛି। ଆଖପାଖ ରାସ୍ତାରେ ମଧ୍ୟ ନୋ କିସିଂ ଜୋନ୍ ଉଲ୍ଲେଖ ହୋଇଛି। ରାସ୍ତା ମଝିରେ ହେଉଥିବା ଖୋଲାଖୋଲି ଅଶ୍ଳୀଳତାକୁ ଏଥିପାଇଁ ଦାୟୀ କରାଯାଇଛି। ସୋସାଇଟି ଲୋକଙ୍କ କହିବା ଅନୁସାରେ, ଲକ୍‌ଡାଉନ୍ ସମୟରେକିଛି ଯୋଡ଼ି ସେହି ସୋସାଇଟିର ରାସ୍ତା କଡ଼ରେ ପରସ୍ପରକୁ ଚୁମ୍ବନ ଦେଉଥିବା ଦୃଶ୍ୟ ସେମାନଙ୍କୁ ଆପତିଜନକ ମନେହେଲା। ବୋରିବଲିର ସତ୍ୟମ୍ ଶିବମ୍ ସୁନ୍ଦରମ୍ ସୋସାଇଟିରେ ଏହି ମାମଲା ସାମ୍ନାକୁ ଆସିଛି। ଖୋଲାଖୋଲି ଚୁମ୍ବନ ଯୋଗୁ ସୋସାଇଟିର ଲୋକେ ଲଜ୍ଜା ଅନୁଭବ କରୁଥିଲେ। ତେଣୁ ଏଥିରେ ବିରକ୍ତ ହୋଇ ସୋସାଇଟି ପକ୍ଷରୁ ପ୍ରବେଶ ଦ୍ୱାରରେ ନୋ କିସିଂ ଜୋନ୍ ସାଇନ୍ ବୋର୍ଡ ଲଗାଇ ଦିଆଯାଇଛି। ଏହା ପରଠୁ ଯୋଡ଼ିଙ୍କର ସେଠାକୁ ଆସିବା ଧୀରେ ଧୀରେ କମିଯାଇଛି। ଚୁମ୍ବନ ଘଟଣା ନଜରକୁ ଆସିବା ପରେ ସୋସାଇଟିର ଜଣେ ସଦସ୍ୟ ସ୍ଥାନୀୟ କର୍ପୋରେଟର ଓ ପୋଲିସଙ୍କୁ ସୂଚନା ଦେଲେ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତା ପରେ ଏହାର ସଦସ୍ୟମାନେ ପରସ୍ପର ବିଚାରବିମର୍ଶ କରି ନିଜେ ଏହି ନିଷ୍ପତି ନେଲେ।



# ଦାବି ପାଇଁ ଟାୱାରରେ ୧୩୫ ଦିନ

ପଞ୍ଜାବର ଗୁରଦାସପୁରରେ ଜଣେ ଯୁବକ ୨୦୦ ଫୁଟ୍ ଉଚ୍ଚ ଟାୱାରରେ ୧୩୫ ଦିନ ରହିଛନ୍ତି। ଭୀଷଣ ଗରମ, ପ୍ରବଳ ବର୍ଷା ସତ୍ତ୍ୱେ ସେ ତଳକୁ ଓହ୍ଲାଇଲେ ନାହିଁ। ପୋଲିସ ଓ ସ୍ଥାନୀୟ ପ୍ରଶାସନ ତାଙ୍କୁ ଟାୱାରରୁ ତଳକୁ ଓହ୍ଲାଇବାକୁ ଖୁବ୍ ପ୍ରୟାସ କଲଣ, କିନ୍ତୁ ସର୍ତ ପୂରଣ ନ ହେବା ଯାଏଁ ତଳକୁ ଓହ୍ଲାଇବାକୁ ସେ ସ୍ପଷ୍ଟ ମନା କରିଦେଲେ। ଯୁବକଙ୍କ ନାଁ ସୁରିନ୍ଦର ପାଲ ସିଂହ। ସୁରିନ୍ଦର ଇଟିଟି ଟେଟ୍ ପାସ୍ କରିବା ପରେ ଶିକ୍ଷକ ଭର୍ତି ପ୍ରକ୍ରିୟାକୁ ଅପେକ୍ଷା କରିଥିଲେ। କିନ୍ତୁ ଦୀର୍ଘ ସମୟ ଧରି ପଦବୀ ଖାଲି ସୂଚନା ଆସିଲା ନାହିଁ। ସେଥିପାଇଁ ସେ ଧୈର୍ଯ୍ୟ ହରାଇଦେଲେ। ବେକାରୀ ଯୋଗୁ ସେ ଏତେଚିନ୍ତାରେ ପଡ଼ିଗଲେ ଯେ ସରକାରଙ୍କ ବିରୋଧରେ ନିଆରା ଆନ୍ଦୋଳନ ଆରମ୍ଭ ହେବ। ଗୁରୁଦାସପୁର ସ୍ଥିତ ମୋବାଇଲ ଟାୱାରରେ ସେ ଚଢ଼ିଗଲେ। ଏହି ସଂଘର୍ଷରେ ବହୁ ସଂଖ୍ୟକ ଇଟିଟି ଟେଟ୍ ପାସ୍ ପ୍ରାର୍ଥୀ ତାଙ୍କୁ ସମର୍ଥନ କଲେ। ଶେଷରେ ସୁରିନ୍ଦରଙ୍କ ଜିଦ୍ ଓ ଇଟିଟି ପାସ୍ ପ୍ରାର୍ଥୀଙ୍କ ପରିଶ୍ରମର ଫଳ ମିଳିଲା। ସରକାର ୬୬୦୦ ନୂଆ ପଦବୀ ଘୋଷଣା କଲେ। ଏ ବିଷୟରେ ଜାଣିବା ପରେ ସୁରିନ୍ଦର ଖୁବ୍ ଖୁସି ହୋଇଗଲେ। ସେ ଟାୱାରରୁ ତଳକୁଆସିଲେ। ୪ ମାସରୁ ଅଧିକ ସମୟ ଧରି ଟାୱାରରେ ବିତାଇବା ଯୋଗୁ ତାଙ୍କ ସ୍ୱାସ୍ଥ୍ୟ ବିଗିଡି ଯାଇଥିଲା। ତାଙ୍କ ତ୍ୱଚା ସମ୍ପୂର୍ଣ୍ଣ ପୋଡିଯାଇଥିଲା। ସେ ଠିକରେ ଠିଆ ହେଇପାରିଲେ ନାହିଁ। ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ଆମ୍ବୁଲାନ୍ସର ବ୍ୟବସ୍ଥା କଲେ ଏବଂ ତଙ୍କୁ ହସ୍ପିଟାଲରେ ଭର୍ତି କଲେ। ଏବେ ତାଙ୍କର ଚିକିତ୍ସା ଚାଲିଛି।

# ରକ୍ତ ହୀନତାକୁ ଦୂରାଏ ଡାଳିମ୍ବ

ଡାଳିମ୍ବ ବହୁତ ଲୋକଙ୍କ ପସନ୍ଦ। ଶରୀରରେ ରକ୍ତ ବୃଦ୍ଧି ପାଇଁ ଡାଳିମ୍ବ ବହୁତ ଉପାଦେୟ। ନିୟମିତ ଡାଳିମ୍ବ ସେବନ କଲେ ଶରୀରରେ ରକ୍ତହୀନତା ଦେଖା ଦେଇନଥାଏ। ଡାଳିମ୍ବର ଅନେକ ସ୍ୱାସ୍ଥ୍ୟଗତ ଲାଭ ରହିଛି। ଡାଳିମ୍ବରେ ପ୍ରଚୁର ମାତ୍ରାରେ ଆଇରନ, ଏନର୍ଜି, ଅସନ୍ତୁଳିତ ଫ୍ୟାଟି ଏସିଡ୍, ଫାଇବର, ପ୍ରୋଟିନ୍, ଭିଟାମିନ୍ ଓ ଥାଇମିନ ରହିଛି। ଏଥିସହ ଏଥିରେ ଆଂଟି ଅକ୍ସିଡାଂଟ, ଫୋଲିକ୍ ଏସିଡ୍ ଏବଂ ରାଇବୋଫ୍ଲାଭିନ୍ ମଧ୍ୟ ପ୍ରଚୁର ପରିମାଣରେ ରହିଛି। ଡାଳିମ୍ବ ରକ୍ତହୀନତା ପାଇଁ ଲାଭଦାୟକ। ଡାଳିମ୍ବ ସେବନ ଦ୍ୱାରା ରକ୍ତହୀନତା ସମସ୍ୟା ଦୂର ହୋଇଥାଏ। ପ୍ରତିଦିନ ଡାଳିମ୍ବ ସେବନ କଲେ ରକ୍ତହୀନତା ପୀଡିତ ବ୍ୟକ୍ତିଙ୍କର ନାଲି ରକ୍ତ କଣିକା ବୃଦ୍ଧି ପାଇଥାଏ। ଯାହାଫଳରେ ରକ୍ତହୀନତା ସମସ୍ୟା ଦୂର ହୋଇଥାଏ। ସେହିପରି ମଧୁମେହ ରୋଗୀଙ୍କ ପାଇଁ ଏହା ମଧ୍ୟ ଉପକାରୀ। ମଧୁମେହ ରୋଗୀ ଡାଳିମ୍ବ ସେବନ ଦ୍ୱାରା ମଧୁମେହ ରୋଗୀଙ୍କୁ କିଛି ସମସ୍ୟା ହୋଇନଥାଏ। କିନ୍ତୁ ମଧୁମେହ ରୋଗୀ ଡାଳିମ୍ବ ଜୁସ୍ ପିଇବା ଅନୁଚିତ୍। ଡାକ୍ତରଙ୍କ ଅନୁସାରେ ଜୁସ୍ ବଦଳରେ ମଧୁମେହ ରୋଗୀ ସିଧାସଳଖ ଡାଳିମ୍ବ ସେବନ କରିବା ଉଚିତ୍। ସେହିପରି କ୍ୟାନ୍ସର ରୋଗରୁ ମଧ୍ୟ ଡାଳିମ୍ବ ରକ୍ଷା କରିଥାଏ। ଡାଳିମ୍ବରେ ଥିବା ଅନେକ ଆଂଟି ଅକ୍ସିଡାଂଟ ତତ୍ତ୍ୱ କ୍ୟାନ୍ସର ଭଳି ରୋଗ ସହ ଲଢ଼ିବାରେ ସହାୟକ ହୋଇଥାଏ। ନିୟମିତ ଡାଳିମ୍ବ ଜୁସ୍ ସେବନ କଲେ କିମ୍ବା ତାଜା ଡାଳିମ୍ବ ଖାଇଲେ ସ୍ତନକର୍କଟ ଓ ଚର୍ମ କକଟ ହେବାର ଆଶଙ୍କା କମ୍ ହୋଇଥାଏ। କ୍ୟାନ୍ସର ରୋଗୀ ମଧ୍ୟ ପ୍ରତିଦିନ ଡାଳିମ୍ବ ଜୁସ୍ ପିଇବା ଉଚିତ୍। ଏହା ଓଜନ କମାଇବାରେ ସହାୟକ ହୁଏ। ଯେଉଁମାନେ ଓଜନ କମ୍ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଡାଳିମ୍ବ ଅତ୍ୟନ୍ତ ଲାଭଦାୟକ। ଗୋଟିଏ ଗ୍ଲାସ୍ ଡାଳିମ୍ବ ଜୁସ୍ ପିଇଲେ ଅଂଟା ଚର୍ବି କମ୍ ହୋଇଥାଏ। ଓଜନ କମ୍ କରିବା ପାଇଁ ଡାଳିମ୍ବ ଖାଇବାଠାରୁ ତାର ଜୁସ୍ ପିଇବା ଅଧିକ ଲାଭଦାୟକ। ଡାଳିମ୍ବ ଶରୀରରେ ରକ୍ତ ସଂଚାଳନ କରିବାରେ ସହାୟକ ହୋଇଥାଏ। ଯାହାଫଳରେ ହୃଦୟ ଯାଏଁ ରକ୍ତ ସଠିକ୍ ଭାବେ ପହଂଚି ପାରିଥାଏ। ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ଦୂର ହୋଇଥାଏ। ନିୟମିତ ଡାଳିମ୍ବ ସେବନ କଲେ ହୃଦ୍ ସମ୍ବନ୍ଧୀୟ ରୋଗରୁ ରକ୍ଷା ମିଳିଥାଏ। ଡାଳିମ୍ବ ସେବନ ଦ୍ୱାରା ଶରୀରରେ କୋଲେଷ୍ଟ୍ରଲ ସ୍ତର କମ୍ ହୋଇଥାଏ। ନିୟମିତ ଡାଳିମ୍ବ ଜୁସ୍ ସେବନ କଲେ ମାଂସପେଶୀ, ହାଡ଼ ଓ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। କିଛି ଲୋକଙ୍କର ରକ୍ତହୀନତା ଯୋଗୁ ମଧ୍ୟ ଗଣ୍ଠି ଯନ୍ତ୍ରଣା ହୋଇଥାଏ। ଗଣ୍ଠି ମଜଭୁତ୍ କରିବାକୁ ନିୟମିତ ଡାଳିମ୍ବ ଜୁସ୍ ସେବନ କରିବା ଉଚିତ୍।

# ବିବାହକୁ ନେଇ ଖୋଲାକଥା

ଧଡ଼କ ଗର୍ଲ ଜାହ୍ନବୀ କପୁର ଏବେ ନିଜର ନୂଆ ଫଟୋସୁଟ୍ ଓ ସାକ୍ଷାତକାରକୁ ନେଇ ଚର୍ଚ୍ଚାରେ ଅଛନ୍ତି। ପିକକ୍ ପତ୍ରିକା ପାଇଁ ଜାହ୍ନବୀ ନୂଆ ବ୍ରାଇଡାଲ ଫଟୋସୁଟ୍ କରାଇଛନ୍ତି। ପତ୍ରିକା ସହ ସାକ୍ଷାତକାରରେ ସେ ନିଜର ବିବାହ ବିଷୟରେ କଥା ହୋଇଛନ୍ତି। ବିବାହକୁ ନେଇ ଯୋଜନା ଏବଂ କିଭଳି ବିବାହ କରିବାକୁ ଚାହୁଁଛନ୍ତି, ସେ ବିଷୟରେ ଖୋଲା କଥା ହୋଇଛନ୍ତି। ତିରୁପତି ବାଲାଜୀରେ ବିବାହ କରିବାକୁ ଚାହୁଁଛନ୍ତି ବୋଲି ଜାହ୍ନବୀ କହିଛନ୍ତି। ସେହିପରି ବ୍ୟାଚଲର ପାର୍ଟି ବିଷୟରେ ପଚାରିବାକୁ କାପ୍ରି ଦ୍ୱୀପରେ ଏହି ପାଇଁ କରିବାକୁ ଚାହୁଁଥିବା କହିଛନ୍ତି। ବିବାହର ଅନ୍ୟ ବିଧି ଯଥା ସଙ୍ଗୀନ ଓ ମେହେନ୍ଦି ନିଜ ଘରେ କରିବା ତାଙ୍କର ପସନ୍ଦ। ତେବେ ବିବାହ ଭୋଜି କେଉଁଠି ଦେବେ ବୋଲି ପଚାରିବାରୁ ସେ କହିଛନ୍ତି, ଏହାର କୌଣସି ଆବଶ୍ୟକତା ନାହିଁ। ତାଙ୍କ ଇଚ୍ଛା, ବିବାହ ସାଜସଜ୍ଜା ପାରମ୍ପରିକ ହେବା ଉଚିତ୍। ତେବେ ସାଦାସିଧା ବିବାହ ତାଙ୍କର ଖୁବ୍ ପସନ୍ଦ। ସପ୍ତାହ ଧରି ଚାଲୁଥିବା ବିବାହ ଉତ୍ସବ ତାଙ୍କର ଆଦୌ ପସନ୍ଦ ନୁହେଁ। ଦୁଇ ଦିନରେ ନିଜ ବିବାହ ବିଧି ଶେଷ କରିଦେବାକୁ ସେ କହିଛନ୍ତି। ସେହିପରି ବିବାହରେ ଖୁବ୍ ଫ୍ୟାନ୍ସି ପୋଷାକ ବି ତାଙ୍କର ପସନ୍ଦ ନୁହେଁ। ସାକ୍ଷାତକାରରେ ପ୍ରଥମ ଦରମା ବିଷୟରେ ମଧ୍ୟ ଜାହ୍ନବୀ କହିଛନ୍ତି। ପ୍ରଥମ ଦରମା ଟଙ୍କାରେ ସେ ଇଲଣ୍ଡ ବୁଲିଯିବାକୁ ଟିକେଟ୍ କିଣିଥିଲେ। ଜାହ୍ନବୀଙ୍କ ଅପକମିଂ ପ୍ରୋଜେକ୍ଟରେ ଅଛି ଗୁଡ୍‌ଲକ୍ ଜେରି ଓ ଦୋସ୍ତାନା-୨ ଯାହାକୁ ନେଇ ବେଶ୍ କିଛି ଦିନରୁ ଚର୍ଚ୍ଚା ହେଉଛି।



# ମଙ୍ଗଳରେ ଦିଶିଲା ବରଫ ପରସ୍ତ

ମଙ୍ଗଳ ଗ୍ରହରେ ବରଫ ପରସ୍ତ ଦେଖିବାକୁ ମିଳଛି। ଆମେରିକୀୟ ମହାକାଶ ଏଜେନ୍ସି ନାସାର ମାର୍ସ ରିକନ୍‌ସନ୍ସ ଆର୍ବିଟର ଏହାର ପ୍ରମାଣ ପାଇଛି। ମଙ୍ଗଳବାର ବରଫର ପରସ୍ତ ଫଟୋକୁ ନାସା ନିଜ ୱେବ୍‌ସାଇଟ ଓ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଜାରି କରିଛି। ଫଟୋ ଦେଖିବା ପରେ



ଗ୍ରୀନ୍‌ଲାଣ୍ଡ ଓ ଆର୍ଟାଂଟିକାରେ ଜମା ବରଫ କଥା ମନେପଡ଼େ। ଏହା ଯୋଗୁ ମଙ୍ଗଳ ଗ୍ରହଷଣ ବଡ଼ ବଡ଼ ହ୍ରଦ ସୃଷ୍ଟି ହୋଇଛି। ତେବେ ସଦ୍ୟ ପକ୍ଷଯା ମାଧ୍ୟମରେ ନାସା ବିଶ୍ୱବାସୀଙ୍କୁ ଚକିତ କରିଛି। ନାସାର ବୈଜ୍ଞାନିକମାନେ କହିଛନ୍ତି, ଆମେ ମାର୍ସ ରିକ୍‌ନସନ୍ସ ଅର୍ବିଟର ଦେଖିବା ପରେ ଚକିତ ହୋଇଛୁ। ମଙ୍ଗଳର ଦକ୍ଷିଣ ମେରୁରେ ବଡ଼ ବଡ଼ ବରଫପୂର୍ଣ୍ଣ ହ୍ରଦ ଦିଶୁଛି। କିନ୍ତୁ ଯାଂଚରୁ ମିଳିଥିବା ତଥ୍ୟକୁ ନେଇ ନାସର ଜେଟ୍ ପ୍ରପଲସନ୍ସ ଲାବୋରେଟୋରୀର ବୈଜ୍ଞାନିକମାନେ ଚକିତ ହୋଇଛନ୍ତି। ନାସା ନିଜ ୱେବ୍‌ସାଇଟରେ ଉଲ୍ଲେଖ କରିଛି, ଯେଉଁଠି ଜଳ ଥାଏ, ସେଠାରେ ଜୀବନ ଥାଏ। କିନ୍ତୁ ଏହି ଥିଓରି କେବଳ ପୃଥିବୀରେ ହିଁ ଲାଗୁ ହେଉଛି। ସେଥିପାଇଁ ଆମ ବୈଜ୍ଞାନିକମାନେ ମଙ୍ଗଳ ଗ୍ରହର ଶୁଷ୍କ ଭୂମିରେ ତରଳ ପାଣିର ଅନ୍ୱେଷଣ ଜାରି ରଖିଛନ୍ତି। ତେବେ ଏହା ଏତେ ସହଜ ନୁହେଁ। ଦୂରରୁ ଦେଖିବା ଦ୍ୱାରା ଏବଂ ଫଟୋଗୁଡିକର ଯାଂଚରୁ ଜଣାପଡିଛି, ଲାଲ୍ ଗ୍ରହର ଦକ୍ଷିଣ ମେରୁରେ ବହୁ ମାତ୍ରାରେ ବରଫ ରହିଛି। ନାସାର ସୂଚନା ଅନୁସାରେ, ଟିକିଏ ଗରମ ହେଲେ ବରଫ ତରଳି ପାଣି ହୋଇଯାଏ। ମଙ୍ଗଳରେ କିନ୍ତୁ ଏହି ସ୍ଥିତି ଅଧିକ ସମୟ ରହୁନାହିଁ। ବରଫ ତରଳିବାର କିଛି ସେକେଣ୍ଡ ମଧ୍ୟରେ ବାଷ୍ପ ହୋଇଯାଉଛି। ମଙ୍ଗଳର ବାୟୁମଣ୍ଡଳରେ ଶୂନ୍ୟ ହୋଇଯାଇଛି। ୨୦୧୮ରେ ଇଟାଲିର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଷ୍ଟ୍ରୋଫିଜିକ୍ସର ବୈଜ୍ଞାନିକ ଓରେସେଇ ମଙ୍ଗଳର ଦକ୍ଷିଣ ମେରୁରେ ଭୂପୃଷ୍ଠ ତଳେ ବରଫପୂର୍ଣ୍ଣ ହ୍ରଦ ଆବିଷ୍କାର କରିଥିଲେ। ସେ ୟୁରୋପିଆନ୍ ସ୍ପେସ୍ ଏଜେନ୍ସିର ମାର୍ସ ଏକ୍ସପ୍ରେସ୍ ଅର୍ବିଟରରୁ ଏହାର ପ୍ରମାଣ ସଂଗ୍ରହ କରିଥିଲେ। ଏହା ଉପରେ ସବିଶେଷ ଅଧ୍ୟୟନରୁ ଜଣାଡିଲା, ମଙ୍ଗଳ ଗ୍ରହରେ ସୃଷ୍ଟ ହ୍ରଦର ସ୍ରୋତ ଜଳ ବା ବରଫ ନୁହେଁ, ବରଂ ଚିକ୍କଣ ମାଟି। ତେଣୁ ହ୍ରଦକୁ ଶୁଖାଇବାରେ ଚିକ୍କଣ ମାଟିର ବଡ଼ ଯୋଗଦାନ ଥାଇପାରେ ବୋଲି ପରବର୍ତୀ ୩ ଅଧ୍ୟୟନର ତଥ୍ୟରେ ପ୍ରକାଶ ପାଇଲା।

# ଚଉଦକୁଲାଟ ଶ୍ରୀଦଧିବାମନଜୀୟୁଙ୍କ ମନ୍ଦିରରୁ ଚୋରି

କେନ୍ଦ୍ରାପଡ଼ା, ୧୨/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ତଥା ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ତମାଳଶାସନସ୍ଥିତ ଶ୍ରୀଦଧିବାମନଜୀୟୁଙ୍କ ମନ୍ଦିରରୁ ଶ୍ରୀଜୀୟୁଙ୍କ ଚଳନ୍ତି ପ୍ରତିମାକୁ ଗୁରୁବାର ବିଳମ୍ବିତ ରାତିରେ କେହି ଚୋରି କରି ନେଇଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଛି । ଗତ ୫ବର୍ଷ ଭିତରେ ଏହା ଦ୍ୱିତୀୟ ଥର ଚୋରି ହୋଇଛି । ଅଷ୍ଟଧାତୁରେ ନିର୍ମିତ ଶ୍ରୀଦଧିବାବନଜିୟୁଙ୍କ ଚଳନ୍ତି ପ୍ରତିମାକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି । ଗତ ୨୦୧୭ ମସିହାରେ ଚୋରି ହୋଇଯାଇଥିବା ବିଗ୍ରହ ସ୍ଥାନରେ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ନୂତନ ପ୍ରତିମା ପ୍ରତିଷ୍ଠା କରାଯାଇଥିଲା । କିନ୍ତୁ ଏହାର ୧୫ମାସ ପରେ ଚୋରି ହୋଇଯାଇଥିବା ପ୍ରତିମା ଏକ ପରିତ୍ୟକ୍ତ ସ୍ଥାନରୁ ମିଳିବା ପରେ ଏକ ଆଧାତ୍ମିକ ପରିବେଶରେ ସେହି ପ୍ରତିମାକୁ ମନ୍ଦିରକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇ ଆସୁଥିଲା ।



ଗୁରୁବାର ରାତିରେ କେହି ଦୁର୍ବୃତ୍ତ ମନ୍ଦିର ପରିବେଶ ଶୁନଶାନ ହେବା ପରେ ମନ୍ଦିର ଗ୍ରୀଲର ତାଲା ଭାଙ୍ଗି ୨ଟି ଚଳନ୍ତି ବିଗ୍ରହକୁ ଚୋରିକରି ନେଇଯାଇଛି । ଚଉଦକୁଲାଟ ଫାଣ୍ଡି ତଥା ପଟ୍ଟାମୁଣ୍ଡାଇ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି । ତମାଳଶାସନର ଶ୍ରୀଦଧିବାମନଜୀୟୁ ଓଡିଶା ସରକାରଙ୍କ ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ମନ୍ଦିର ପରିସରରେ ସିସି କ୍ୟାମେରା ଲଗାଇବା ପାଇଁ ଓ ଚୋରକୁ ଧରାଯାଇ କଠିନ ଦଣ୍ଡ ବିଧାନ କରାଯିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ଲକ୍ଷ୍ମୀଧର ସମିତି ସଭାପତି ନିର୍ବାଚିତ

ପୁରୀ, – ପୁରୀଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ଅବଦାନ ଗ୍ରାମପଞ୍ଚାୟତର ଚିତ୍ରେଶ୍ୱରୀ ସମବାୟ ସମିତି ନିର୍ବାଚନରେ କଂଗ୍ରେସ ସମର୍ଥୀତ ପ୍ରାର୍ଥୀ ଲକ୍ଷ୍ମୀଧର ବେହେରା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ବିଜେଡ଼ି ସମର୍ଥୀତ ପ୍ରାର୍ଥୀ ରଞ୍ଜନ କୁମାର ପଣ୍ଡାଙ୍କୁ ପରାଜିତ କରି ବିଜୟୀ ହୋଇଛନ୍ତି । ବାସୁଦେବ ବରାଳ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ ।

## କର୍ପୋରେଟର ଅରବିନ୍ଦଙ୍କ ଅନୁରୋଧ ରକ୍ଷା କଲେ ମେୟର

# ୫୩ନଂ ୱାର୍ଡ ବୁଲି ସମସ୍ୟା ସମାଧାନର ଦେଲେ ପ୍ରତିଶ୍ରୁତି

କଟକ, (ନି.ପ୍ର.) : କଟକ ମହାନଗର ନିଗମ ଅନ୍ତର୍ଗତ ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ଅନୁରୋଧ ରକ୍ଷା କରି ୱାର୍ଡ ପରିଦର୍ଶନ କରିଛନ୍ତି ମେୟର ସୁବାଶ ସିଂହ । ସେ ଶନିବାର ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କୁ ସାଙ୍ଗରେ ଧରି ୱାର୍ଡର କଲ୍ୟାଣୀ ନଗର, ଅନ୍ଦରପୁର, ଶ୍ରୀକ୍ଷେତ୍ର ନଗର, ଦୁଲ୍ଲାଦେଇ ରୋଡ ଆଦି ଅଂଚଳର ରାସ୍ତା, ନାଳନର୍ଦ୍ଦମା ଗୁଡିକର ଅବସ୍ଥା ତଦାରଖ କରିବା ସହ ଅନ୍ଦରପୁରଠାରେ ଥିବା ବସ୍ତି ଉନ୍ନୟନ ପ୍ରକଳ୍ପରେ ରହୁଥିବା ଅନ୍ତେବାସୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ।



ଏହି ସମୟରେ ୱାର୍ଡର ନବ ନିର୍ବାଚିତ କର୍ପୋରେଟର ଅରବିନ୍ଦ ଜେନାଙ୍କ କାର୍ଯ୍ୟଦକ୍ଷତା ନେଇ ସବୁଠି ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଥିଲା । ଅରବିନ୍ଦ ଖୁବ କମ୍‌ଦିନ ମଧ୍ୟରେ ୱାର୍ଡର ଥିବା ପ୍ରମୁଖ ସମସ୍ୟା ଗୁଡ଼ିକୁ ସମାଧାନ କରିପାରିଛନ୍ତି । ଆଉ ଯେଉଁ ଛୋଟମୋଟ ସମସ୍ୟା ରହିଛି ତାହାର ସମାଧାନ ସେ କରିପାରିବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି । କେତେକ ଜାଗାରେ ଲୋକମାନେ ଜାଇକା ସମସ୍ୟା ସହ ସଫେଇ କାର୍ଯ୍ୟକୁ ନେଇ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମେୟର ସମସ୍ତଙ୍କ ଅଭିଯୋଗ ଶୁଣିସାରିବା ପରେ ଖୁବ ଶୀଘ୍ର ଏହାର ସମାଧାନ ହେବା ନେଇ ଦେଇଥିଲେ ପ୍ରତିଶ୍ରୁତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଏମସିର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ୫୨ନଂ ୱାର୍ଡ କର୍ପୋରେଟର ସୌଭାଗିନୀ ଜେନା, ୱାର୍ଡ ସଭାପତି ରଜନୀକାନ୍ତ ପରିଜା, ବିପିନ କୁମାର ଭୋଳ, ସୁଶାନ୍ତ କୁମାର ବେହେରା, ବ୍ୟୋମକେଶ କାନୁନଗୋ, ୱାର୍ଡ ସଫେଇ ଦାୟିତ୍ୱରେ ଥିବା ଗିତୀରଞ୍ଜନ ମହାନ୍ତି, ବିଦୁଲତା ସ୍ୱାଇଁ, ରବିନ୍ଦ୍ର କୁମାର ଦାସ, ପ୍ରମୋଦ କୁମାର ଭୋଳ, ରଂଜିତ କୁମାର ରାଉତ, ନିବାସ ବେହେରା, ସଚିଦାନନ୍ଦ ସାହୁ, ଚନ୍ଦନ କୁମାର ମିଶ୍ର, ପ୍ରମୋଦ କୁମାର ରାଉତ, ରବିନ୍ଦ୍ର କୁମାର ଦାସ, ଅଧିର କୁମାର ବେଉରା, ସୌମ୍ୟରଂଜନ ଜେନା, ମନୋରଂଜନ ଜେନାଙ୍କ ସମେତ, ସିଇଓ ଏବଂ ସ୍ୱଚ୍ଛ ସାଥୀମାନେ ଉପସ୍ଥିତ ଥିଲେ ।

## କୁଳିଆ ହାଇସ୍କୁଲରେ ବନମହୋତ୍ସବ ଓ ସୁରକ୍ଷା ସପ୍ତାହ

# ବିଦ୍ୟାର୍ଥୀଙ୍କୁ ଚାରାରୋପଣ ପାଇଁ ଆହ୍ୱାନ

ନିଶ୍ଚିନ୍ତକୋଇଲି, ୧୨/୦୭ (ନି.ପ୍ର): ଗଛ ହେଉଛି ଆମ ପରିବେଶର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ । ଜୀବଜଗତ ପାଇଁ ଗଛର ଅବଦାନ ଅତୁଳନୀୟ । ଖାଦ୍ୟ, ସ୍ୱଚ୍ଛ ଜଳ, ସ୍ୱଚ୍ଛ ଅମ୍ଳଜାନ ଓ ମୁକ୍ତ ବାୟୁର ଆବଶ୍ୟକତାକୁ ଗଛ ହିଁ ପୂରଣ କରିଥାଏ । ତେଣୁ ପ୍ରତ୍ୟେକ ବିଦ୍ୟାର୍ଥୀ ସେମାନଙ୍କର ଜୀବନକାଳ ମଧ୍ୟରେ ଏକାଧିକ ଚାରା ରୋପଣ କରିବାକୁ ଆୟୋଜିତ ବନମହୋତ୍ସବ କାର୍ଯ୍ୟକ୍ରମରେ ଶିକ୍ଷକମାନେ ଆହ୍ୱାନ ଦେଇଥିଲେ । ଏହି ବ୍ଲକ କୋଲଣପୁର ପଞ୍ଚାୟତ କୁଳିଆ କାଶୀପୁର ମୁକ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଆନୁକୂଲ୍ୟରେ ବନମହୋତ୍ସବ ଓ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ଇକୋ କ୍ଲବର ସଂଯୋଜକ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ହତା ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ । ଏଥିରେ ଶିକ୍ଷୟତ୍ରୀ ସୁଶ୍ରିସଂଗୀତା ମହାପାତ୍ର, ଲିନା ରାଉତ, ସୁନୀତା ପଣ୍ଡା, ରାଜଲକ୍ଷ୍ମୀ ସାହୁ, ଶୁଭଲକ୍ଷ୍ମୀ ସାମଲ, ଶିକ୍ଷକ ରମାକାନ୍ତ ରାଉତ, ସରୋଜ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ବାରିକ, ସଭ୍ୟ କାଳନ୍ଦୀ ମହାରଣା, ପବନ କୁମାର ସାହୁ, ରଂଜନ କୁମାର ସିଂ, ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁଣ୍ଡିଚା ରଥଟଣା ବିଭ୍ରାଟ ବାହୁଡାରେ ପୁନରାବୃତ୍ତି ନ ହେଉ

କେନ୍ଦ୍ରାପଡ଼ା ୧୨/୦୭ (ନି.ପ୍ର): କେନ୍ଦ୍ରାପଡା ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତୀ ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଟଣାରେ ଶ୍ରୀଗୁଣ୍ଡିଚାରେ ଯେଉଁ ବିଭ୍ରାଟ ଘଟିଥିଲା ତାହା ବାହୁଡ଼ା ଯାତ୍ରାରେ ହେବନି ତ? ଏହି ପ୍ରଶ୍ନ ଏବେ ବିଭିନ୍ନ ମହଲରେ ଉଙ୍କି ମାରିଛି । କାରଣ କେହି କେହି କହିଲେ ରଥ ଟଣା ଠିକ ଭାବେ ନ ହେବାରୁ ରଥ ଫୁଟ୍‌ପାଥକୁ ମାଡିଗଲା । କେହି କହିଲେ ରଥ ଚାଳକଙ୍କ ଅଭିଜ୍ଞତା ଅଭାବର ଏହି ଘଟଣା ଘଟିଲା । ଆଉ କେହି କହିଲେ ରଥଦାଣ୍ଡ ନିର୍ମାଣରେ ଯନ୍ତ୍ରୀଙ୍କ ଅନଭିଜ୍ଞତା ଏବଂ ପ୍ରଶାସନର ଅପରିଣାମଦର୍ଶିତା ଯୋଗୁଁ ଯୋଗୁ ରଥ ଫୁଟ୍‌ପାଥକୁ ମାଡିଗଲା । ଯାହା ଫଳରେ ପାରାଦୀପରୁ ହାଇଡ୍ରୋଲିକ ଜଗ ଆସି ୧୨ ଘଣ୍ଟାରୁ ଅଧିକ ସମୟ ଧରି ପରିଶ୍ରମ ପରେ ରଥ ସଠିକ ଦିଗକୁ ଆସିଥିଲା । ଏହା କେବଳ କେନ୍ଦ୍ରାପଡାରେ ନୁହେଁ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା । କାରଣ ଶ୍ରୀକ୍ଷେତ୍ର ଭଳି ବଡ଼ଭାଇ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ମଧ୍ୟ ସମଗ୍ର ରାଜ୍ୟରେ ବେଶ ପ୍ରସିଦ୍ଧ । ତୁଳସୀ କ୍ଷେତ୍ରର ରଥଟଣା ଉପରେ ମଧ୍ୟ ସଭିଙ୍କ ନଜର ଥାଏ । ପରମ୍ପରା ଅନୁଯାୟୀ ଏଠାରେ ଶ୍ରୀଗୁଣ୍ଡିଚା ଦିନ ରଥ କିଛି ବାଟ ଯାଇଥାଏ । ଏହାର ପରଦିନ ରଥ ଟଣାଯାଇ ଗୁଣ୍ଡିଚା ମନ୍ଦିର ସନ୍ନିକଟରେ ଚକଡ଼ା ଲାଗିଥାଏ । କିନ୍ତୁ ପ୍ରଥମ ଦିନହିଁ ବିଭ୍ରାଟ ହେଲା । ପ୍ରଥମେ ପରମ୍ପରା ଭଙ୍ଗ ହେଲା । କାରଣ ପ୍ରଥମ ଦିନ ରଥକୁ ଅଳ୍ପ ବାଟ ନିଆଯାଇଥିବା ବେଳେ ଦ୍ୱିତୀୟ ଦିନ ଆଉ ମାତ୍ର କିଛି ବାଟ ନିଆଗଲା । ତୃତୀୟ ଦିନ ରଥକୁ ଟାଣି ଗୁଣ୍ଡିଚା ମନ୍ଦିର ଅଭିମୁଖେ ନେବା ଲାଗି ଉଦ୍ୟମ ହେଉଥିବା ବେଳେ ବିଭ୍ରାଟ ଦେଖାଦେଲା । ଯାହା ଫଳରେ ରଥ ବାମ ପାର୍ଶ୍ୱକୁ ମାଡି ଯାଇଥିଲା । ଜିଲ୍ଲା ପ୍ରଶାସନର ଅପରିଣାମଦର୍ଶିତା ଯୋଗୁଁ ଏପରି ହୋଇଥିବା ସାଧାରଣରେ ଆଲୋଚନା ହେଉଛି । ଦିନ ୧୨ଟାରେ ରଥ ବାମ ପାର୍ଶ୍ୱକୁ ମାଡି ଯାଇଥିବା ବେଳେ ତାହାକୁ ସଠିକ ଦିଗକୁ



ଆଣିବା ପାଇଁ ସେହିଦିନ ରାତି ୨ଟା ହୋଇ ଯାଇଥିଲା । ରେଳ ବିଭାଗରୁ ହାଇଡ୍ରୋଲିକ ଜଗ ଆସିଲା, ରେଳ ବିଭାଗ ଯନ୍ତ୍ରୀ ଆସିଲେ, ଜେନେରେଟର ଆସିଲା । ଜିଲ୍ଲାପାଳ, ଏସ୍‌ପି, ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ରହି କାର୍ଯ୍ୟ ତଦାରଖ କରିବା ପରେ ରଥ ସଠିକ ଦିଗକୁ ଆସିଥିଲା । ଏହାଦ୍ୱାରା ଫୁଟ୍‌ପାଥ ଭାଙ୍ଗିଲା । ବିଦ୍ୟୁତ ଖୁଣ୍ଟି ମଧ୍ୟ ଭାଙ୍ଗିଲା । ତେବେ ଗୁଣ୍ଡିଚାରେ ଯେଉଁ ବିଭ୍ରାଟ ଘଟିଲା ତାହାର ପୁନରାବୃତ୍ତି ଯେପରି ବାହୁଡ଼ା ଯାତ୍ରାରେ ନ ହୁଏ ! ଯଦି ବିଭ୍ରାଟ ଘଟେ ତାହା ହେଲେ ତ୍ୱରିତ ପଦକ୍ଷେପ ନିଆଯାଇ ଏହାର ସମାଧାନ କିପରି ହୋଇପାରିବ ସେଥିପ୍ରତି ଦେବୋତ୍ତର ବିଭାଗ ଆଗୁଆ କି କି ପଦକ୍ଷେପ ନେଇଛି, ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେଇଛନ୍ତି ସେ ନେଇ ସାଧାରଣରେ ସନ୍ଦେହ ବ୍ୟକ୍ତ କରାଯାଇଛି । ଯେଭଳି ବିଭ୍ରାଟ ଆଗକୁ ନ ଘଟୁ ବୋଲି ଭକ୍ତମାନେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ଗବେଷକ ନିରଞ୍ଜନ ମେକାପ କହିଛନ୍ତି ପ୍ରଶାସନର ଦୂର ଦୃଷ୍ଟି ଅଭାବ ଯୋଗୁ ଏଭଳି ବିଭ୍ରାଟ ଘଟିଲା । ସେ କହିଛନ୍ତି ମୂଷା ବ୍ରହ୍ମଚାରୀ ରଥ ଚଳାଉଥିବା ବେଳେ କେବେ ହେଲେ ବିଭ୍ରାଟ ହୋଇ ନ ଥିଲା । ଏବେ ଏକାଧିକ ରଥ ଚାଳକ ରଥରେ ରହୁଥିବାରୁ ଏହି ବିଭ୍ରାଟ ହେଉଛି । ମୁଁ ଗତ ୬୦ ବର୍ଷ ହେବ ରଥଯାତ୍ରା ଦେଖୁଛି । ବାହୁଡ଼ା ବେଳେ ରଥ ଫୁଟ୍‌ପାଥକୁ ମାଡିଯିବାର ନଜିର ରହିଛି । କିନ୍ତୁ ଗୁଣ୍ଡିଚାରେ ରଥ ମାଡିଯିବାର ନଜିର ନ ଥିଲା । ତେଣୁ ପ୍ରଶାସନ କିପରି ବାହୁଡ଼ା ଯାତ୍ରାରେ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ରଥ ଟାଣି ସିଂହଦ୍ୱାରରେ ଲଗାଉଛି ତାକୁ ସମସ୍ତେ ଅପେକ୍ଷା କରିଛନ୍ତି । ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ କହିଛନ୍ତି ଯେପରି କୌଣସି ଅଘଟଣ ନ ଘଟେ ସେ ନେଇ ଆମେ ବୈଠକ କରିଛୁ । ଏଥିରେ ରଥ ଚାଳକ, ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ସେବାୟତମାନଙ୍କ ସହ ଆଲୋଚନା କରାଯାଇଛି । ଯଦି କିଛି ଅଘଟଣ ଘଟେ ତେବେ ଏକ ଘଣ୍ଟା ମଧ୍ୟରେ ରେଳ ବିଭାଗର ହାଇଡ୍ରୋଲିକ ଜଗ ଆସି ତାହାର ପ୍ରତିକାର ବ୍ୟବସ୍ଥା କରାଯିବ । ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଶୃଙ୍ଖଳିତ ଓ ସୁରକ୍ଷିତ ବାହୁଡ଼ା ଯାତ୍ରା କରିବା ପାଇଁ ପ୍ରସ୍ତୁତ ରହିଥିବା କହିଛନ୍ତି କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା ।

## କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ନିର୍ବାଚନ

# ସାବନା ପରୱିନ ଉପସଭାପତି ନିର୍ବାଚିତ

କେନ୍ଦ୍ରାପଡ଼ା, ୧୨/୦୭ (ନି.ପ୍ର): କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟ୍ ଲିଃ.ର ଉପସଭାପତି ପଦ ପାଇଁ ସମିତିର ନିର୍ଦ୍ଦେଶିକା ସାବନା ପରୱିନ ଏକମାତ୍ର ପ୍ରାର୍ଥୀନୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ନିର୍ବାଚନ ଅଧିକାରୀ ମୃତ୍ୟୁଞ୍ଜୟ ଶତପଥୀ ତାଙ୍କୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା



ଘୋଷଣା କରିଥିଲେ । ସୋସାଇଟିର ସଭାପତି ପ୍ରମୋଦ ସାହୁ ଓ ଅନ୍ୟତମ ନିର୍ଦ୍ଦେଶକ ସେକ ରିୟାସତ ଉପସଭାପତି ପ୍ରାର୍ଥୀ ସାବନା ପରୱିନଙ୍କର ଯଥାକ୍ରମେ ପ୍ରସ୍ତାବକ ଓ ସମର୍ଥକ ରହିଥିଲେ । ଏହି ନିର୍ବାଚନ ସମୟରେ ସମିତିର ନିର୍ଦ୍ଦେଶକ କୈଳାସ ବେହେରା, ଦିଲ୍ଲିପ ପାତ୍ର, ଅକ୍ଷୟ ଦାଶ, ସୁଶାନ୍ତ ମହାରଣା, ଅନୁସୟା ସାମଲ, ବହ୍ଲବ ନନ୍ଦୀ, ଗୀତାଞ୍ଜଳି ସାହୁ, ପ୍ରଭାତୀ ଲେଙ୍କା, ଜିତେନ୍ଦ୍ର ଖୁଣ୍ଟିଆ, ଦିଲ୍ଲିପ ରାଉତ, ପ୍ରଫୁଲ୍ଲ ମିସ୍ତ୍ରୀ ଓ ଅମିତାଭ ସାହୁ ପ୍ରମୁଖ ଉପସ୍ଥିତ ରହି ଉପସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାରୁ ସାବନା ପରୱିନଙ୍କୁ ପୁଷ୍ପଗୁଚ୍ଛ ଓ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସମିତିର କର୍ମଚାରୀ ଓ ଏଜେଣ୍ଟମାନେ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ପୂର୍ବଥର ସାବନା ପରୱିନ ସମିତିର ନିର୍ଦ୍ଦେଶିକା ଥିବା ବେଳେ ଓଡିଶା ରାଜ୍ୟ ଅର୍ବାନ ବ୍ୟାଙ୍କ ଓ କ୍ରେଡିଟ କୋପରେଟିଭ ସୋସାଇଟି ଫେଡେରେସନର ନିର୍ଦ୍ଦେଶିକା ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରହ୍ଲାଦ ସାହୁ, ଅତିରିକ୍ତ ସାମ୍ପାଦକ ଅରବିନ୍ଦ ସାହୁ, ଜେନେରାଲ ମ୍ୟାନେଜର ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସଚେତନ ଜନମତ ହିଁ ବିଚାର ବିଭାଗକୁ ସ୍ୱାଧୀନତା ଦେବ

କଟକ, ୧୨/୦୭ (ନି.ପ୍ର): ଦେଶର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥାମାନ ଗୁରୁତର ସଙ୍କଟ ମଧ୍ୟରେ ଗତି କରୁଛି । ଯାହାଫଳରେ ଦେଶର ଏକତା ଓ ଅଖଣ୍ଡତା ଉପରେ ବିପଦ ସୃଷ୍ଟି ହେଉଛି । ନ୍ୟାୟପାଳିକା ଠାରୁ ଆରମ୍ଭ କରି ଅନ୍ୟ ସ୍ୱାଧୀନ ବିଧିବ୍ୟବସ୍ଥାର ସାମ୍ବିଧାନିକ ସୁରକ୍ଷା ଉପରେ ଆକ୍ରମଣ ବଢିବାରେ ଲାଗିଛି । ନବ୍ୟ ଉଦାରବାଦୀ ଓ ଫାଶିବାଦୀ ଶକ୍ତି ବୃଦ୍ଧି ହେତୁ ଦେଶରେ ଧର୍ମୀୟ ଉତ୍ତେଜନା, ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ, ଦଳିତ, ଆଦିବାସୀ, ମହିଳା ହିଂସା ବଢିବାରେ ଲାଗିଛି । ସଂସଦରେ ନାଗରିକ ସଂଶୋଧନ ଆଇନ୍ ଆଣି ସାମ୍ପ୍ରଦାୟିକ ବିଭେଦ, ଉତ୍ତେଜନାକୁ ନିଜେ ସରକାର ହିଁ ପ୍ରୋତ୍ସାହନ ଦେଇଛନ୍ତି ।



ଦେଶର ସବୁଠାରୁ ବଡ଼ ଆକ୍ରମଣ ଆରମ୍ଭ ହୋଇଛି ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ । ସରକାରୀ ବ୍ୟବସ୍ଥାକୁ ପ୍ରଶ୍ନ କରୁଥିବା ବ୍ୟକ୍ତି ଏବଂ ସଂଗଠନମାନଙ୍କ ଉପରେ ଆକ୍ରମଣ ଏପରି ତୀବ୍ର ହୋଇଛି ଯେ ସରକାର ଶେଷକୁ ପାର୍ଲାମେଣ୍ଟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ବାତିଲ୍ କରୁଛନ୍ତି । ଭିନ୍ନମତ ବା ଅଭିବ୍ୟକ୍ତିର ସ୍ୱାଧୀନତାକୁ ଆମ ସମ୍ବିଧାନର ସର୍ବୋଚ୍ଚ ଅନୁମୋଦନ ମିଳିଥିବା ବେଳେ କହିବା, ଲେଖିବା, ଧାର୍ମିକ ଆସ୍ଥା ବିଚାର ଏପରିକି ପିନ୍ଧିବା, ଖାଇବା, ପିଇବାର ବ୍ୟକ୍ତିଗତ ନିଷ୍ପତ୍ତି ଗୁଡ଼ିକୁ ଫାଶିବାଦୀ ବା ମୌଳବାଦୀ ଶକ୍ତିମାନେ ନିୟନ୍ତ୍ରଣ କରିବା ବେଳେ ଏହି ଅଗଣତାନ୍ତ୍ରିକ ଶକ୍ତିମାନଙ୍କୁ ସ୍ୱେଚ୍ଛାଚାରୀ ହେବାର ସୁଯୋଗ ଦେଉଛି ରାଷ୍ଟ୍ର ବ୍ୟବସ୍ଥା । ଦେଶର ବିକଟ ଆର୍ଥିକ ଦୁରାବସ୍ଥା, ସର୍ବବୃହତ୍ ବେକାରୀ ଫଉଜ, ବ୍ୟକ୍ତି ସ୍ୱାଧୀନତାର ଅସହାୟତା ଉପରୁ ସାଧାରଣ ନାଗରିକର ଦୃଷ୍ଟିକୁ ଏଡ଼ାଇବା ପାଇଁ ଫାଶିବାଦୀ ତଥା ମୌଳବାଦୀ ବିଚାରକୁ ସରକାର ଏକ ଅସ୍ତ୍ର ଭାବେ ବ୍ୟବହାର କରିଚାଲିଛନ୍ତି । ଦେଶକୁ ଏହିସବୁ ସଙ୍କଟରୁ ବିଚାରବ୍ୟବସ୍ଥା ଉଦ୍ଧାର କରିବା ଆବଶ୍ୟକ ଥିବାବେଳେ କିନ୍ତୁ ଏହା ବି ବିଭିନ୍ନ କ୍ଷେତ୍ରରେ ସରକାରୀ ଗୋଡାଣିଆ ସାଜୁଥିବା ଦେଖାଯାଉଛି । ତେଣୁ ସଚେତନ ଜନମତ ହିଁ ବିଚାର ବିଭାଗକୁ ସ୍ୱାଧୀନତା ଦେଇପାରିବ ବୋଲି ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଆୟୋଜିତ ବିଚାର ବିଭାଗର ସ୍ୱାଧୀନତା ଓ ଦକ୍ଷତା ଶୀର୍ଷକ ଆଲୋଚନାଚକ୍ରରେ କଟକ ଗାନ୍ଧୀ ଭବନଠାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସଂଗଠନର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଆଡଭୋକେଟ ଚିତ୍ତରଞ୍ଜନ ମହାନ୍ତି, ଆଡଭୋକେଟ ସୁରେନ୍ଦ୍ର ନାଥ କର, ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂଯୋଜକ ଡା ବିଶ୍ୱଜିତ, ସେକ କମିଲୁଦ୍ଦିନ ଅହମଦ, ସୁରଜୀତ ସିଂହ, ଅର୍ଚ୍ଚନା ରାଣୀ ଭୂୟାଁ, ଭଗବାନ ନାଥ, ଆଡଭୋକେଟ ରାମଚନ୍ଦ୍ର ରାୟ, କାମିନୀକାନ୍ତ ମହାନ୍ତି, ବସ୍ତି ଆନ୍ଦୋଳନର ନେତା ଖଗେଶ୍ୱର ସେଠୀ, ରାକେଶ ନାୟକ, ଅବିନାଶ ପରିଡା, ଶରତ ଚନ୍ଦ୍ର ଜେନା, ଇଫତେକାର ଅହମଦ, ଅଲିଭା ଦାଶ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଓ ସଂଗଠନର ଜିଲ୍ଲା ସଂଯୋଜକ ସାଗର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶାନ୍ତି, ସଦ୍‌ଭାବନା ଓ ନିଶାମୁକ୍ତିର ବାର୍ତ୍ତା

# ୪ମାସ ଧରି ପ୍ରବଚନ ଦେବେ ବାବା ମୁନୀ ଶ୍ରୀ ଜିନେଶ୍ କୁମାର

କଟକ, ୧୨/୦୭ (ନି.ପ୍ର): ସମାଜରେ ଶାନ୍ତି ପ୍ରତିଷ୍ଠା, ସଦ୍‌ଭାବନ, ନିଶାମୁକ୍ତି ଓ ଭଗବାନ ମହାବୀରଙ୍କ ବାର୍ତା ପ୍ରଚାର କରିବା ନେଇ ଆଜି (ଶନିବାର) କଟକରେ ପହଂଚିଛନ୍ତି ଜୈନଧର୍ମାଲମ୍ବୀ ବାବା ମୁନୀ ଜିନେଶ୍ କୁମାର ଜୀ ଓ ତାଙ୍କ ଦୁଇ ଶିଷ୍ୟ ମୁନୀ ଶ୍ରୀ ପରମାନନ୍ଦ ଜୀ ଓ ମୁନୀ ଶ୍ରୀ କୁନାଲ କୁମାର ଜୀ । ସେ ଆଜି କଟକ ବ୍ରଜକବାଟୀ ରୋଡସ୍ଥିତ ବିସାଲ ମେଗା ମାର୍ଟଠାରୁ ପଦଯାତ୍ରାରେ ଯାଇ ତେରାପନ୍ଥ ଭବନରେ ପ୍ରବେଶ କରି ଲୋକମାନଙ୍କୁ ପ୍ରବଚନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାରବାଟୀ କଟକ ବିଧାୟକ ଇଂ ମହମଦ ମୋକିମ ଅତିଥିଭାବେ ଯୋଗଦେଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ବାବାଙ୍କ ପ୍ରବଚନ ଶୁଣିଥିଲେ । ପ୍ରତ୍ୟେହ କଟକ କାଠଗଡାସାହି ସ୍ଥିତ ତେରାପନ୍ଥ ଭବନରେ ସକାଳ ୯ଘଟିକାରୁ ୧୦ ଘଟିକା ଏବଂ ସନ୍ଧ୍ୟା ୮ଘଟିକାରୁ ୯ଘଟିକା ପର୍ଯ୍ୟନ୍ତ ଲୋକମାନଙ୍କୁ ଶାନ୍ତି ସଦଭାବନାର ମନ୍ତ୍ର ତାଙ୍କ ପ୍ରବଚନ ମାଧ୍ୟମରେ ଶୁଣାଇବେ । ସମାଜରେ ହିଂସାକୁ ଦୁର କରିବା ସହିତ ଅହିଂସାକୁ ଆପଣେଇବା, ନିଶା କବଳରୁ ଲୋକଙ୍କୁ ରକ୍ଷା କରିବା, ସମସ୍ତଙ୍କ ମନରେ ସଦଭାବନା ପ୍ରତିଷ୍ଠା କରିବାକୁ ସେ ଆଜିଠୁ ଦୀର୍ଘ ଚାରି ମାସ ପର୍ଯ୍ୟନ୍ତ ଲୋକମାନଙ୍କୁ ଏହି ପ୍ରବଚନ ଦେବେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭାର ସଭାପତି ମୋହନଲାଲ ସିଂଘୀ, ସମ୍ପାଦକ ଚେନରୂପ ଚୌରାଡିଆ, ତେରାପନ୍ଥ ଯୁବ ପରିଷଦ ସଭାପତି ଭୈରବଲାଲ ଡୁଗର, ତେରାପନ୍ଥ ମହିଳା ମଣ୍ଡଳ ସଭାପତି ହୀରାଦେବୀ ବେଦ୍ । ମାରୱାଡୀ ସମାଜ ସଭାପତି କିଷନ ମୋଦୀ, ଉତ୍କଳ ପ୍ରାଦେଶିକ ମାରୱାଡୀ ସମାଜ ସଭାପତି ସୁରେଷ କମାଣୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।




# ପାରାଦୀପରେ କୋର୍ଟ ପ୍ରତିଷ୍ଠା ଦାବି : ପଦକ୍ଷେପ ପାଇଁ ହାଇକୋର୍ଟର ସ୍ୱତନ୍ତ୍ର ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ

ପାରାଦୀପ, ୧୨/୦୭ (ନି.ପ୍ର): ପାରାଦୀପରେ ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପାରାଦୀପ ଅଂଚଳରେ ପାଂଚ ଗୋଟି ପୋଲିସ୍ ଥାନା ପ୍ରତିଷ୍ଠା କରିଛନ୍ତି । ଏଥି ସହିତ ପାରାଦୀପ ଏକ ବୃହତ ବନ୍ଦର ହୋଇଥିବାରୁ ଏଠାରେ ଏକ ସିଜେଏମ୍ କୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ରହିଛି । ଯାହାକି ପ୍ରତ୍ୟେକ ବୃହତ ବନ୍ଦରରେ ରହିଛି । ଏହାକୁ ଦୃଷ୍ଟିରେ ରଖି ପାରାଦୀପରେ ଏକ ସିଜେଏମ୍ କୋର୍ଟ ପ୍ରତିଷ୍ଠା ପାଇଁ ଦେଶର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏନ୍.ଓ.ସି. ଫାଉଣ୍ଡେସନ୍‌ର



ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରୀ ସେନାପତିଙ୍କ ନେତୃତ୍ୱରେ ଫାଉଣ୍ଡେସନ୍‌ର ଅନ୍ୟ ସଦସ୍ୟମାନେ ଏକ ଦାବୀପତ୍ର ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ଗତ ମେ ମାସ ୨୪ ତାରିଖରେ ପ୍ରଦାନ କରାଯାଇଥିଲା । ଏହି ଦାବୀପତ୍ର ପାଇବା ପରେ ରାଜ୍ୟ ସରକାରଙ୍କ ଅଣ୍ଡର ସେକ୍ରେଟାରୀ ଗତ ୨୮ ତାରିଖ ଦିନ ଓଡିଶା ହାଇକୋର୍ଟର ସ୍ୱତନ୍ତ୍ର ଅଧିକାରୀ (ପ୍ରଶାସନ)ଙ୍କୁ ଚିଠି ନମ୍ବର ୭୨୦୯ ମାଧ୍ୟମରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପାରାଦୀପରେ କୋର୍ଟ ପ୍ରତିଷ୍ଠା ହେଲେ ପାରାଦୀପର ଲୋକମାନେ ରାସ୍ତା ଭିଡ଼ ଓ ଯାତାୟତ ସମସ୍ୟାରୁ ମୁକ୍ତି ପାଇ ପାରିବେ ଏବଂ ମାନ୍ୟବର ହାଇକୋର୍ଟ ନିଶ୍ଚିତ ଏକ ସାକାରାତ୍ମକ ପଦକ୍ଷେପ ନେବେ ବୋଲି ବୋଲି ଶ୍ରୀମତି ସେନାପତି ଆଶାବାଦୀ ବୋଲି କହିଛନ୍ତି ।

# ବିଷାକ୍ତ ହେଲାଣି ବାୟୁମଣ୍ଡଳ, ହେଜୁନି ଓଡ଼ିଶା



ଭୁବନେଶ୍ୱର ୧୨/୦୭ (ନି.ପ୍ର): ଓଡ଼ିଶାର ଜଳ, ସ୍ଥଳ ଓ ଆକାଶ ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ରାଜ୍ୟ ସରକାରଙ୍କ ଜଳବାୟୁ ପରିବର୍ତ୍ତନ ମୁକାବିଲା ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଯେ ବିଭିନ୍ନ କଳକାରଖାନାରୁ ନିର୍ଗତ ଗ୍ରିନ୍ ହାଉସ୍ ଗ୍ୟାସ ଯୋଗୁଁ ରାଜ୍ୟର ଜଳ, ସ୍ଥଳ ଓ ଆକାଶରେ ଅଙ୍ଗାରକାମ୍ଳ ଓ ମିଥେନ୍ ଭଳି ବିଷାକ୍ତ ଗ୍ୟାସ ପରିମାଣ ବଢ଼ି ବଢ଼ି ଚାଲିଛି। କେବଳ ତାପଜ ବିଦ୍ୟୁତ ପ୍ଲାଣ୍ଟରୁ ବର୍ଷକୁ ୫ କୋଟି ୪୯ଲକ୍ଷ ଟନ୍ ଅଙ୍ଗାରକାମ୍ଳ ଓଡ଼ିଶାରେ ଗଚ୍ଛିତ ହେଉଛି। ଯେଉଁଥିପାଇଁ ତାପମାତ୍ରା ବୃଦ୍ଧି ଜନିତ ଜଳବାୟୁ ପରିବର୍ତ୍ତନର ଉକ୍ଟ ପ୍ରଭାବ ରାଜ୍ୟବାସୀଙ୍କ ପାଇଁ ବିପଦ ସୃଷ୍ଟି କଲାଣି। ଏହାର ମୁକାବିଲା କରିବା ଲାଗି ଅକ୍ଷୟ ଶକ୍ତି ଉତ୍ପାଦନ ଉପରେ କେନ୍ଦ୍ର ସରକାର ଓ ବିଶେଷଜ୍ଞମାନେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ଅକ୍ଷୟ ଶକ୍ତିର ପ୍ରୋତ୍ସାହନ ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍ସି) ୨୦୧୫ରୁ ନିୟମ ଜାରି କରି ସାରିଛନ୍ତି। ୨୦୧୩ରୁ ଜେଡ୍‌କଲ (ଗ୍ରିନ୍ ଏନର୍ଜି ଡେଭଲେପମେଣ୍ଟ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍) ପ୍ରତିଷ୍ଠା ହେଲାଣି। ରାଜ୍ୟ ସରକାର ୨୦୧୬ରୁ ଅକ୍ଷୟ ଶକ୍ତି ନୀତି କରିସାରିଲେଣି। ହେଲେ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ ଦ୍ୱାରା ୨୦୧୯-୨୦ ବର୍ଷର ସାଧାରଣ ସମୀକ୍ଷା ରିପୋର୍ଟରେ ଚମକାଇବା ଭଳି ତଥ୍ୟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଦେଶରେ ୨୦୨୦ ସୁଦ୍ଧା ୪ଲକ୍ଷ ୪୬ ହଜାର ୩୪୮ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଏଥିରୁ ଅକ୍ଷୟ ଶକ୍ତି କ୍ଷମତା ୯୧ହଜାର ୫୦୫ ମେଗ୍ୱାଟ୍। ଅର୍ଥାତ୍ ଜାତୀୟ ହାର ୨୧%। କିନ୍ତୁ ଉଦ୍‌ବେଗର ବିଷୟ ହେଲା ଯେ ଓଡ଼ିଶାର ସମସ୍ତ ସୂତ୍ରରୁ ଶକ୍ତି ଉତ୍ପାଦନ କ୍ଷମତା ୧୯ ହଜାର ୭୯୧ ମେଗାୱାଟ୍ ଅଟେ। ହେଲେ ଏଥିରେ ଅକ୍ଷୟ ଶକ୍ତିରୁ ଯୋଗଦାନ ୧%ରୁ ବି କମ୍। ରାଜ୍ୟରେ ମାତ୍ର ୫୭୦ ମେଗାୱାଟ୍ ବିଦ୍ୟୁତ୍ ଅକ୍ଷୟ ଶକ୍ତି କ୍ଷେତ୍ରରୁ ଉତ୍ପାଦନ ହେଉଛି। ଅର୍ଥାତ୍ ତାପଜ ବିଦ୍ୟୁତ୍ ଉପରେ ଆମେ ମୁଖ୍ୟତଃ ନିର୍ଭରଶୀଳ। ରାଜ୍ୟରେ ୧୭ହଜାର ୧୫୯ ମେଗାୱାଟ୍ (୮୬.୭%) ତାପଜ କ୍ଷେତ୍ରରୁ କେବଳ ଉତ୍ପାଦନ ହେଉଛି। ଆହୁରି ସାଂଘାତିକ କଥା ହେଲା ଯେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ପ୍ରମୁଖ ୧୦ଟି ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ନାହିଁ। ପ୍ରଶ୍ନ ଉଠୁଛି, ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ସରକାର ୧ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଲାଗି କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଲକ୍ଷ୍ୟ ହାସଲ ଲାଗି ଧାର୍ଯ୍ୟ ସମୟ ୨୦୨୩ ମସିହା ରଖାଯାଇଛି। ସ୍ୱାଭାବିକ ଭାବେ ସମସ୍ତେ ଆଶା କରିବା କଥା ଯେ ଏହାର ସିଂହଭାଗ ଅର୍ଥ ଖର୍ଚ୍ଚ ହୋଇସାରିଥିବ। ଅନ୍ୟପକ୍ଷରେ ପରିବେଶ ପାଇଁ ସତର୍କ ଥିବା ରାଜ୍ୟ ସରକାର ଜଳବାୟୁକୁ ବିଷାକ୍ତ କରୁଥିବା ଭଳି ମନେ ହେଉଛି। ଏମିତି କେମିତି ହେଉଛି ଗ୍ରିନ୍ ଏନର୍ଜି ଉତ୍ପାଦନ ପାଇଁ କାହିଁକି ପଛଘୁଞ୍ଚା ଦେଉଛି ଓଡ଼ିଶା ତଥ୍ୟ କହୁଛି ଯେ ଓଡ଼ିଶା ଅକ୍ଷୟ ଶକ୍ତିକୁ ଉତ୍ସାହିତ କରିବା ଲାଗି ୨୦୧୩ ମସିହାରୁ ସରକାର ପଦକ୍ଷେପ ନେଲେଣି। ଗତ ୧୦ ବର୍ଷ ଧରି ଏ କ୍ଷେତ୍ରଟି କାହାର ଅବହେଳା ବା ଦାୟିତ୍ୱହୀନତା ଲାଗି ସଙ୍କୁଚିତ ହୋଇରହିଛି ରାଜ୍ୟ ଲୋକସେବା ଭବନରେ ବସିଥିବା ଏ ବାବୁମାନେ କିଏ, ଯେଉଁମାନଙ୍କୁ ଏଥିଲାଗି ଦାୟୀ କରାଯିବା ଉଚିତ୍ ଏ ଦିଗଟିକୁ କେହି ତର୍ଜମା କରୁଥିବା ଦେଖାଯାଉନାହିଁ। ଶକ୍ତି ବିଶେଷଜ୍ଞଙ୍କର କହିବା କଥା ହେଉଛି, ରାଜ୍ୟ ସରକାର ଜଳବିଦ୍ୟୁତ ଉତ୍ପାଦନ କ୍ଷେତ୍ରକୁ ସଙ୍କୁଚିତ କରିଦେଲେ। ଏ କ୍ଷେତ୍ରରେ ଗତ ୨୦ବର୍ଷ ଭିତରେ ସେଭଳି କୌଣସି ବିଶେଷ ଯୋଗଦାନ ସରକାରଙ୍କର ନାହିଁ କହିଲେ ଚଳେ। ଏତେ ଜଳ ଉତ୍ସ ଥାଇ ରାଜ୍ୟ ୨୦୬୨ ମେଗ୍ୱାଟ୍ ଏ କ୍ଷେତ୍ରରୁ ବିଦ୍ୟୁତ ଉତ୍ପାଦନ କରୁଛି। ଏହାର ସିଂହଭାଗ ୨୦ବର୍ଷ ପୂର୍ବରୁ ଉତ୍ପାଦନ ହେଉଛି। ଏଣୁ ଅକ୍ଷୟଶକ୍ତି କ୍ଷେତ୍ର ହେଉଛି ବିକଳ୍ପ ସୂତ୍ର, ଯାହାକୁ ଆୟୁଧ କରି ସରକାର ଜଳବାୟୁ ଉପରେ ପ୍ରଭାବ ରୋକିପାରିବେ ଏବଂ ଲୋକେ ଶସ୍ତାରେ ବିଦ୍ୟୁତ୍ ପାଇପାରିବେ। ଆହୁରି ସରଳ ଭାବେ କହିଲେ, ଅକ୍ଷୟଶକ୍ତି କ୍ଷେତ୍ରରେ ବିଫଳତା କେବଳ ପରିବେଶକୁ ପ୍ରଭାବିତ କରୁଛି ତା ନୁହେଁ, ବିଦ୍ୟୁତ୍ ଦର ଉପରେ ମଧ୍ୟ ଗଭୀର ପ୍ରଭାବ ରଖୁଛି। ଏହି ମହଲ ଆହୁରି କହୁଛନ୍ତି ଯେ ଓଡ଼ିଶାରେ ଅକ୍ଷୟ ଶକ୍ତିକୁ ଉତ୍ସାହିତ ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍ସି) ୨୦୧୫ରୁ ନିୟମ ଜାରି କରି ସାରିଛନ୍ତି। ରାଜ୍ୟ ସରକାର ୨୦୧୬ରୁ ଅକ୍ଷୟ ଶକ୍ତି ନୀତି କରିସାରିଲେଣି। ହେଲେ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ ତଥ୍ୟ କହୁଛି, ଓଡ଼ିଶାରେ ମୋଟ ୧୯ହଜାର ୭୯୧ ମେଗ୍ୱାଟ୍ ମଧ୍ୟରୁ ମାତ୍ର ୫୭୦ ମେଗ୍ୱାଟ୍ ଅକ୍ଷୟ ଶକ୍ତି କ୍ଷେତ୍ରରୁ ଉତ୍ପାଦନ ହେଉଛି। କର୍ଣ୍ଣାଟକ ଓ ତାମିଲନାଡୁ ଭଳି ରାଜ୍ୟର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ସେମାନଙ୍କ ମୋଟ ଶକ୍ତି ଉତ୍ପାଦନ କ୍ଷମତାର ୪୯% ରହିଛି। କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣର ପରିସଂଖ୍ୟାନକୁ ବିଶ୍ୱାସ କଲେ ଦେଖାଯାଉଛି ଯେ ତାମିଲନାଡୁ ୧୫ ହଜାର ୮୬୬ ମେଗାୱାଟ୍, କର୍ଣ୍ଣାଟକ ୧୫ ହଜାର ୫୭୪ ମେଗାୱାଟ୍, ଗୁଜରାଟ ୧୧ ହଜାର ୧୧୧ ମେଗାୱାଟ୍, ମହାରାଷ୍ଟ୍ର ୧୦ ହଜାର ୨୫୯ ମେଗାୱାଟ୍, ରାଜସ୍ଥାନ ୯ ହଜାର ୫୮୪ ମେଗ୍ୱାଟ୍, ଆନ୍ଧ୍ରପ୍ରଦେଶ ୮ ହଜାର ୧୫୩ ମେଗାୱାଟ୍, ମଧ୍ୟପ୍ରଦେଶ ୪ ହଜାର ୯୨୦ ମେଗାୱାଟ୍, ତେଲେଙ୍ଗାନା ୪ ହଜାର ୭୩ ମେଗାୱାଟ୍, ଉତ୍ତରପ୍ରଦେଶ ୩ ହଜାର ୨୬୨ ମେଗାୱାଟ୍ ଏବଂ ପଞ୍ଜାବ ୧ ହଜାର ୪୬୯ ମେଗାୱାଟ୍ ଅକ୍ଷୟ ଶକ୍ତି ସୂତ୍ରରୁ ଉତ୍ପାଦନ କରୁଛନ୍ତି। ସେମାନଙ୍କର ଏହି କ୍ଷେତ୍ରରେ ଈର୍ଷଣୀୟ ସଫଳତା ଓଡ଼ିଶା ପାଇଁ ଲଜ୍ଜାଜନକ ନୁହେଁ କି? ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ପଛୁଆ ଥିବା ବିହାର ସରକାର ଲକ୍ଷ୍ୟ ରଖିଛନ୍ତି ଯେ ୨୦୨୨ରେ ସେମାନେ ୩୪୩୩ ମେଗାୱାଟ ଗ୍ରିନ୍ ଏନର୍ଜି ଉତ୍ପାଦନ କରିବେ। ସୌର ଶକ୍ତିରୁ ୨୯୬୯ ମେଗାୱାଟ୍, ବାୟୋମାସରୁ ୨୪୪ ମେଗାୱାଟ ଏବଂ ଛୋଟ ଛୋଟ ହାଇଡେଲ୍ ପ୍ରକଳ୍ପରୁ ୨୨୦ ମେଗାୱାଟ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଓଡ଼ିଶା ସରକାରଙ୍କ ଉପର କିନ୍ତୁ ପଡ଼ୋଶୀ ରାଜ୍ୟର ଏଭଳି ସଫଳତାର କୌଣସି ପ୍ରଭାବ ପଡୁଥିବା ଭଳି ମନେ ହେଉନାହିଁ। ନିକଟରେ ବିଧାନସଭାରେ ଓଡ଼ିଶା ସରକାର ତଥ୍ୟ ରଖିଛନ୍ତି ଯେ ରାଜ୍ୟ ୫୪୭.୧୫ ମେଗାୱାଟ୍ ଅକ୍ଷୟ ଶକ୍ତିରୁ ଉତ୍ପାଦନ କରୁଛି। ସେ ମଧ୍ୟରୁ ସୌର ଶକ୍ତିରୁ ୪୨୭ ମେଗାୱାଟ୍ ଓ ୧୨୦.୧୫ ଅଣ ସୌର ଶକ୍ତି ଉତ୍ସରୁ ଉତ୍ପାଦନ ହେଉଛି। କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ ସଂସ୍ଥାର ରିପୋର୍ଟ କହୁଛି ଯେ ଓଡ଼ିଶା ଅକ୍ଷୟ ଶକ୍ତିରୁ ୫୭୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରୁଛି। ବିଶେଷଜ୍ଞମାନଙ୍କର କହିବା କଥା ୨୦୨୨ରେ ଅତି କମରେ ୧୫୦୦ ମେଗାୱାଟ୍ ବିଦ୍ୟୁତ୍ ଅକ୍ଷୟ ଶକ୍ତିରୁ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖି ସରକାର ଆଗକୁ ବଢ଼ିବା କଥା। ହେଲେ ଏମିତି କିଛି ପରିଦୃଷ୍ଟ ହେଉନାହିଁ କି ଏ ସଂକ୍ରାନ୍ତରେ ବଜେଟ୍ ବ୍ୟବସ୍ଥା ନାହିଁ। ପରିବେଶ ଓ ଜଳବାୟୁ ପରିବର୍ତ୍ତନର କେତେ ଅଧିକ ପ୍ରଭାବ ପଡ଼ିଲେ ସରକାର ହେଜିବେ।

# ମୁନିଗୁଡାରେ ଚତୁର୍ଧାମୂର୍ତ୍ତିଙ୍କ ପବିତ୍ର ବାହୁଡା ଯାତ୍ରା



ମୁନିଗୁଡା:୧୨/୦୭ (ନି.ପ୍ର): ଆଜି ଆଷାଢ଼ ମାସ ଶୁକ୍ଲପକ୍ଷ ଦଶମୀ ତିଥି। ମହାପ୍ରଭୁଙ୍କ ମହା ବାହୁଡା ଯାତ୍ରା। ଶେଷହେବ ମହାପ୍ରଭୁଙ୍କ ନବଦିନାତ୍ମକ ମସୁସୀମା' ଗୁଣ୍ଡିଚା ଘର ଯାତ୍ରା। ସେଥିପାଇଁ ସକାଳୁ ସକାଳୁ ମୁନିଗୁଡାରେ ଥିବା ପ୍ରଭୁଙ୍କ ମାଉସୀମା' ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ ନିମନ୍ତେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବିଶ୍ୱାସ ଅଛି ପ୍ରଭୁଙ୍କୁ ଶ୍ରୀମନ୍ଦିରର ରତ୍ନବେଦୀରେ ବର୍ଷ ତମାମ ଦର୍ଶନ କଲେ ଯେତିକି ପୁଣ୍ୟ ମିଳିଥାଏ ତାହା ମାତ୍ର ଗୋଟିଏ ଦିନରେ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କଲେ ସେତକ ପୁଣ୍ୟ ମିଳିଥାଏ।ଆଜି ପ୍ରଭାତରୁ ବଡ଼ପଣ୍ଡା ନରୋତ୍ତମ ଦାଶ ଓ ସହକାରୀ ପୂଜକ,ସମସ୍ତ ସେବାୟତ ମାନଙ୍କ ସହାୟତାରେ ନୀତିକାନ୍ତି ଶେଷ କରିଥିଲେ। ପ୍ରଥମେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜାପରେ ସକାଳ ଧୂପରେ ଖେଚୁଡ଼ି ଭୋଗ ଲାଗି ହୋଇଥିଲା।ମଧ୍ୟାନରେ ଶ୍ରୀଜୀଉଙ୍କ ବାହୁଡା ଧାଡି ପହଣ୍ଡି ଓ ରଥାରୂଢ଼ ପରେ ଛେରାପହଁରା ପୁରୋହିତ ନରୋତ୍ତମ ଦାସ କରିଥିଲେ।ଅପରାହ୍ନ ୩ଟା୩୦ରେ ଚାରମାଳ ଫିଟାଯାଇ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରାମମନ୍ଦିର ଛକରେ ମାଁ କନ୍ୟାକା ପାରମେଶ୍ୱରୀ ଯୁବକ ସଂଘ ତରଫରୁ ଭକ୍ତ ସମୂହଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ବେଳେ ଗୋପାଳ ସାହି ଛକରେ ଭକ୍ତମାନଙ୍କ ପାଇଁ ମୁନିଗୁଡାର ବ୍ୟବସାୟୀ ରାଜେନ୍ଦ୍ର ପାତ୍ର ଓ ବୁଲୁପାତ୍ରଙ୍କ ତରଫରୁ ମିଠା ହାଲୁଆ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସେହି ଛକରେ ସନ୍ଧ୍ୟାରେ ପ୍ରଭୁଙ୍କ ରଥ ରହଣି ସ୍ଥଳର ବ୍ୟବସ୍ଥା କରାଯାଇଛି। ସେଠାରେ ସନ୍ଧ୍ୟାଧୂପ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବ। ଗତକାଲି ରଥ ଉପରେ ପ୍ରଭୁଙ୍କ ସ୍ୱତନ୍ତ୍ର ସୁନାବେଶରେ ଭକ୍ତମାନେ ଦର୍ଶନ କରିବେ ଓ ପରେ ରଥରେ ଅଧରପଣା ଲାଗି ହେବ। ଆଜି ପ୍ରବଳ ଖରା ଓ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ଶେଷ ବେଳକୁ ଝିପିଝିପି ବର୍ଷା ରଥ ଟଣାରେ କ୍ଲାନ୍ତିକୁ ଶାନ୍ତି ପ୍ରଦାନ କରିଥିଲା।ବଡ଼ଦାଣ୍ଡରେ ଆଖପାଖ ଅଞ୍ଚଳରୁ ପ୍ରବଳ ଭକ୍ତ ସମାଗମ ହୋଇଥିଲା।ମୁନିଗୁଡା ମନ୍ଦିର ପରିଚାଳନା କମିଟି ସଭାପତି ଭାଗିରଥି ନାଗ,ସମ୍ପାଦକ ଭି.ଚନ୍ଦ୍ରଶେଖର ରାଓ,ସମ୍ପାଦକ ମାନସ ରଞ୍ଜନ ବେହେରା ଏବଂ ସମସ୍ତ ସଦସ୍ୟ ପ୍ରଭୁଙ୍କ ବାହୁଡା ଯାତ୍ରା କିପରି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେବ ସେଥିପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ତହସିଲଦାର ଦେବାଶିଷ ଗୌଡ଼,ବିଡ଼ିଓ ଦିଲ୍ଲୀପ କୁମାର ବେହେରା, ଆଇଆଇସି ସୁଜ୍ଞାନୀ ସାହୁଙ୍କ ସହିତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ସମସ୍ତ ସରକାରୀ ବିଭାଗ,ମୁନିଗୁଡାର ସମସ୍ତ ସାଂସ୍କୃତିକ ଅନୁଷ୍ଠାନ, ସାହିବସ୍ତିର ମୁରବୀ ଓ ଯୁବକମାନେ ଏଥିରେ ସହଯୋଗ କରିଥିଲେ। ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ ତ୍ରିନାଥ ପଣ୍ଡା,ବିରଞ୍ଚି ପଲକିଆ,ଶରତ ସାହୁ,ଭୀମ ବେହେରା,ଚନ୍ଦନ ସାହୁ,ଶ୍ୱେତ ଦାସ ପ୍ରମୁଖ ଅନେକ ବରିଷ୍ଠ,କନିଷ୍ଠ ସଦସ୍ୟ ପରିଚାଳନାରେ ସହଯୋଗ କରୁଥିବା ବେଳେ ବ୍ରାହ୍ମଣ ସମାଜର ସନ୍ତୋଷ କୁମାର ବ୍ରହ୍ମା,ବିଦ୍ୟାଧର ଦାସ,ରାମକୃଷ୍ଣ ପଣ୍ଡା,ରାମକୃଷ୍ଣ ପାଣିଗ୍ରାହୀ, ଲକ୍ଷ୍ମୀ ପାଣିଗ୍ରାହୀ, କ୍ଷମାସାଗର ଦାସ,ଗୋବିନ୍ଦ ଦାଶ ପ୍ରମୁଖ ଅନେକ ବେଦଜ୍ଞ ବ୍ରାହ୍ମଣ ପ୍ରଭୁଙ୍କ ନୀତିକାନ୍ତିରେ ସହଯୋଗ କରୁଥିଲେ।

## ମନରେଗା ଯୋଜନାରେ ମହାଦୁର୍ନୀତୀ !



ନବରଙ୍ଗପୁର, ୧୨/୦୭ (ନି.ପ୍ର): ମନରେଗା ଯୋଜନାରେ ଶ୍ରମିକ ବଦଳରେ କାମ କରୁଛି ମେସିନ। ଏଭଳି ଏକ ଦୁର୍ନିତୀର ଅଭିଯୋଗ ଆସିଛି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେହେରା ପଞ୍ଚାୟତରେଥିବା ରତନଗୁଡା ଗ୍ରାମରେ ଚଳିତବର୍ଷ ମନରେଗା ଯୋଜନାରେ ଥିବା ଅମୃତ ସରବର ନାମକ କାର୍ଯ୍ୟରେ ୨୫ ଲକ୍ଷ ଟଙ୍କା ଆସିଥିଲା। ସରକାରଙ୍କ ନିୟମ ଅନୁଯାୟୀ ମନରେଗା ଯୋଜନାର କାର୍ଯ୍ୟ ଶ୍ରମିକ ଙ୍କ ଦ୍ୱାରା କାର୍ଯ୍ୟ କରିବା କଥା କିନ୍ତୁ ଏଇଠି ସମ୍ପୁର୍ଣ୍ଣ ଓଲଟା ମେସିନ କରୁଛି କାମ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗରିବ ଲୋକଙ୍କ ପାଇଁ ହୋଇଥିବା ବେଳେ ବର୍ତ୍ତମାନ ସମୟରେ ଠିକାଦାର ଅଧିକ ଲାଭବାନ ହେବା ପାଇଁ ଏହି ଯୋଜନା କି ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ଠିକାଦାର ଶ୍ରମିକ ନ ଲଗାଇ ମେସିନ ବ୍ୟବହାର କରି ଅଧିକ ଲାଭବାନ ହେଉଛି। କାମ ଧନ୍ଦା ନ ପାଇ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ଦେଖିବାକୁ ମିଳିଥାଏ । ଅନ୍ୟପଟେ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଉଥିବା ବହୁ ଶ୍ରମିକଙ୍କ ମୃତ୍ୟୁ ମଧ୍ୟ ହୋଇଥାଏ। ସରକାରଙ୍କ ବିଭିନ୍ନ ଯୋଜନା ଗରିବ ଓ ସାଧାରଣ ଜନତାଙ୍କ ପାଇଁ ହୋଇଥିବା ବେଳେ ବର୍ତ୍ତମାନ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅଞ୍ଚଳ ବାସୀଙ୍କ କହିବା ଅନୁଯାୟୀ ଏଭଳି ଦୁର୍ନିତୀ କୁ ଦେଖି କିପରି ଚୁପ୍ ରହିଛନ୍ତି ସ୍ଥାନୀୟ ପ୍ରଶାସନ। ବର୍ତ୍ତମାନ ଦେଖିବାକୁ ବାକି ରହିଲା ସରକାରଙ୍କ ଦୃଷ୍ଟି କେବେ ପଡୁଛି । ଏଭଳି ଦୁର୍ନିତୀ କାର୍ଯ୍ୟରେ ଲିପ୍ତ ରହିଥିବା ଠିକାଦାରଙ୍କ ଉପରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଞ୍ଚଳ ବାସୀ ଦାବି କରିଛନ୍ତି ।

## ଭିନ୍ନକ୍ଷମ ପରିବାରକୁ ମିଳିଲା ରାସନ କାର୍ଡ

କେନ୍ଦ୍ରାପଡା ,୧୨ ଜୁଲାଇ (ହି.ସ.)- କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ କଳାବୁଦା ଗ୍ରାମର ସନ୍ତୋଷ କୁମାର ନାୟକ ଓ ମୋନାଲିସା ନାୟକଙ୍କର ପୁତ୍ର ସନ୍ତାନର ଭିନ୍ନକ୍ଷମ ପ୍ରମାଣପତ୍ର ଓ ରାସନକାର୍ଡ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପ୍ରଚେଷ୍ଟାରେ ପ୍ରଦାନ କରାଯାଇ ଥିବା ଜଣାପଡିଛି । ଏନେଇ ପରିବାର ପକ୍ଷରୁ ପ୍ରଶାସନକୁ ପୂର୍ବରୁ ନିବେଦନ କରାଯାଇ ଥିଲା । ତେବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ପ୍ରତ୍ୟେକ୍ଷ ଉଦ୍ୟମରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଉକ୍ତ ପରିବାରକୁ ଭିନ୍ନକ୍ଷମ ପ୍ରମାଣପତ୍ର ଓ ରାସନକାର୍ଡ ପ୍ରଦାନ କରିଥିବା ଜଣାପଡିଛି । ଏନେଇ ପରିବାର ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ବିଶ୍ୱ ଜନସଂଖ୍ୟା ସ୍ଥିରତା ଦିବସ ପାଳିତ




ରାୟଗଡ:-୧୨/୦୭ (ନି.ପ୍ର): ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ବିଶ୍ୱ ଜନସଂଖ୍ୟା ସ୍ଥିରତା ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡା ବରଦାକାନ୍ତ ମିଶ୍ର ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ସୁପରିଟେନଡେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡା ପ୍ରଦୀପ୍ତ କୁମାର ସୁବୁଦ୍ଧି, ଶ୍ରୀ ଜେ ରାଜେଶ୍ୱର ରାଓ ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପରିବାର ନିୟୋଜନ ସଚେତନତା ରଥର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରିବାର ନିୟୋଜନ ଏକ ସାମାଜିକ ଦାୟିତ୍ୱ । ପ୍ରତି ବର୍ଷ ଜୁଲାଇ ୧୧ କୁ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଏ । ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଶ୍ୱ ଜନସଂଖ୍ୟା ପକ୍ଷ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯଥା ୨୭ ଜୁନ -୧୦ ଜୁଲାଇ ସଚେତନତା ପକ୍ଷ ଏବଂ ୧୧ ଜୁଲାଇ ରୁ ୨୪ ଜୁଲାଇ ସ୍ଥିରତା ପକ୍ଷ । ଏହି ବର୍ଷର ବିଷୟବସ୍ତୁ ହେଉଛି "ପରିବାର ନିୟୋଜନକୁ ଆପଣାନ୍ତୁ, ଉନ୍ନତିର ନୂତନ ଅଧ୍ୟାୟ ଲେଖନ୍ତୁ ।" ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କନ୍‌ଫରେନ୍ସ ହଲରେ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆଶାକର୍ମୀ ଏବଂ ନର୍ସିଙ୍ଗ ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଡା ବରଦାକାନ୍ତ ମିଶ୍ର ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ସୁପରିଟେନଡେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜନସଂଖ୍ୟା ଦିବସ ପାଳନର ମୂଳ ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିବା ସହିତ ପରିବାର ସମୃଦ୍ଧ ହେବାପାଇଁ ପରିବାର ଯୋଜନା ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ, ଯାହା ରାଜ୍ୟ ତଥା ଦେଶର ସମୃଦ୍ଧତା । ସମସ୍ତ ଯୋଗ୍ୟ ଦମ୍ପତିଙ୍କୁ ପରିବାର ନିୟୋଜନ ସେବା ପ୍ରଦାନ କରିବା ନିମନ୍ତେ ଗୁରୁତ୍ୱାରୋପ ଦେବା ସହିତ ଗୋଷ୍ଠୀସ୍ତରରେ ନିରନ୍ତର ପରିବାର କଲ୍ୟାଣ ସେବା ପ୍ରଦାନ କରିବା ଦିଗରେ ପ୍ରାଥମିକତା ଦେବା ବିଷୟରେ ପ୍ରଜନନ ଶିଶୁ ସ୍ୱାସ୍ଥ୍ୟର ଉପ ପରିଚାଳକ ଶ୍ରୀ ଭଗବାନ ମେହେର ଏହି କାର୍ଯ୍ୟକ୍ରମରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପାନୁ କିଶାନ ଏବଂ ଶ୍ରୀ ମାଧବ ଚନ୍ଦ୍ର କିଲାକା ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ପରିବାର କଲ୍ୟାଣ ସେବା କ୍ଷେତ୍ରରେ ରାୟଗଡ ଜିଲ୍ଲାକୁ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସମ୍ମାନିତ କରାଯାଇଛି । ପୁରୁଷ ବନ୍ଧ୍ୟାକରଣ କ୍ଷେତ୍ରରେ ସର୍ବାଧିକ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ନିମନ୍ତେ ଡା ଶ୍ରବଣ କୁମାର ସାହୁକାରଙ୍କୁ ରାଜ୍ୟ ସ୍ତରରେ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି । ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପ୍ରବାଇବା ପାଇଁ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ପୁରୁଷ) ଶ୍ରୀ ସୁରେଶ ମହାକୁଡ ଏବଂ ଶ୍ରୀ ଜଗବନ୍ଧୁ ପାଳଙ୍କୁ ଯଥାକ୍ରମେ ଭାବେ ରାଜ୍ୟ ସ୍ତରରେ ପ୍ରଥମ ଏବଂ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି ।

## ହାଟମୁନିଗୁଡ଼ା ଗୁଣାତ୍ମକ ପରିବର୍ତ୍ତନ ପାଇଁ ଅଭିଭାବକ - ଶିକ୍ଷକ ସମ୍ମିଳନୀ

ମୁନିଗୁଡା:ତା ୧୨-୭(ସ୍ୱ.ପ୍ର) ବିଦ୍ୟାଳୟ ଗୁଡିକର ପରିଚାଳନାରେ ଗୁଣାତ୍ମକ ପରିବର୍ତ୍ତନ ଏବଂ ବିକାଶ ଦିଗରେ ଅଭିଭାବକ ମାନଙ୍କର ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାଗିଦାରିତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି ରାୟଗଡା ଜିଲ୍ଲାର ବିଷମକଟକ ବ୍ଲକ୍ ର ହାଟ ମୁନିଗୁଡା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଅଭିଭାବକ-ଶିକ୍ଷକ ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ଗରଡ଼ିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରମୋଦ କୁମାର ପରିଡା, ବିଶିଷ୍ଟ ଶିକ୍ଷାବିତ ତଥା ଗବେଷକ ଶ୍ରୀରଙ୍ଗ ନାୟକ,ବିଦ୍ୟାଳୟ ପରିଚାଳନା କମିଟି ଉପାଧକ୍ଷା ଶ୍ରୀମତୀ ପ୍ରମିଳା ଶଗଡ଼ିଆ,ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବାପା, ମାଆ ତଥା ଅଭିଭାବକମାନେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଭିଭାବକ ମାନଙ୍କୁ ନେଇ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରମିଳା ଶଗଡ଼ିଆ,ଶ୍ରୀରାମ ହୁଇକା ଓ ବୁଲୁ କାଡ୍ରାକା ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ସଙ୍ଗୀତ ପ୍ରତିଯୋଗିତାରେ ସୁଶ୍ରୀ ବାସନ୍ତୀ ହିକକା, ଶଶୀରେଖା ହିକକା ଓ ନିଳିମା କୁମୁରୁକାଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ସ୍ନେହାପ୍ରଭା ବାରିକ ଯୋଗଦେଇ ପ୍ରତିଯୋଗୀ ଓ କୃତି ମାନଙ୍କୁ ସମ୍ମାନିତ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗରଡ଼ିଆ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।ଶିକ୍ଷୟତ୍ରୀ ସ୍ୱର୍ଣ୍ଣମୟୀ ପଣ୍ଡା ସଭା ପରିଚାଳନା କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ବନ୍ଦିତା ରାଉତ,ସୁସ୍ମିତା ଗୌଡ଼,ଲଳିତା କାଡ୍ରାକା,ସୁନିତା ପାତ୍ର,ପ୍ରତୀକ ପୂଜାରୀ,ବି.ସନ୍ତୋଷ,ଏନ.ସାବିତ୍ରୀ,ଅନିତା ପାତ୍ର ଓ ଧନୁ କୁଶୁଲିଆ ସହଯୋଗ କରିଥିଲେ।

# ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ ମହିଳା ସଂଘର ଅର୍ଥ ଆତ୍ମସାତ ଅଭିଯୋଗ

ବାଲିଆପାଲ, ତା.୧୨/୭(ନି.ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ ମହିଳା ସଂଘର ଅର୍ଥ ଆତ୍ମସାତ ଅଭିଯୋଗରେ ମହିଳା ସ୍ୱୟଂ ସ୍ୱାହିକା ଗୋଷ୍ଠୀ ତରଫରୁ ନ୍ୟାୟ ଦାବିରେ ୫ଦଫା ଦାବୀ ନେଇ ବ୍ଲକ ସମ୍ମୁଖରେ ଗଣ ଧାରଣା ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ର ପାଞ୍ଚଟି ରାଜସ୍ୱ ଗ୍ରାମ ଓ ୨୧ଗୋଟି ୱାର୍ଡ ରହିଛି । ଏହି ପଞ୍ଚାୟତରେ ୧୧୮ଟି ଏସ .ଏସ.ଜି ଗ୍ରୁପ ରହିଛି । ୧୩ଟି ମହିଳା ମଞ୍ଚ ତଥା ୧୧ଜଣ ସି.ଆର.ପି ଜଣେ M.B.K .ଜଣେ ବ୍ୟାଙ୍କ ମିତ୍ର ଓ ୨୬ଜଣ E.C. ସଭ୍ୟ ରହିଛନ୍ତି। ସରକାରଙ୍କ ନିୟମ ରହିଛି ପ୍ରତି ଦୁଇ ବର୍ଷରେ ସଭାପତି ଓ ସମ୍ପାଦକ ବଦଳି ହୋଇ ନୂତନ ବଛା ଯିବା କଥା ମାତ୍ର ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ଫଳରେ ମିଶନ ଶକ୍ତିକୁ ଆସୁଥିବା ସରକାରୀ ଅର୍ଥକୁ ସଭାପତି ଓ ସେକ୍ରେଟାରୀ ଆତ୍ମସାତ କରିବା ସହିତ ମୋ ଉପକାରୀ ବଗିଚା ନାମ ଥିବା ସଦସ୍ୟାକୁ ନ ଦେଇ ସେକ୍ରେଟାରୀ ନିଜେ ସେଥିରେ ଅନ୍ତର୍ଭୁକ୍ତ ହେବାକୁ ମସୁଧା କରୁଥିବା ବିରୋଧ କରି ପଞ୍ଚାୟତର ଏସ .ଏସ .ଜି ଗ୍ରୁପର ମହିଳା ମାନେ ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସିଥିବାର ଦେଖିବାକୁ ମିଳିଛି । ମହାସଂଘର ସଭାପତି ଓ ସମ୍ପାଦକ ଦୀର୍ଘ ଚାରି ବର୍ଷର ହିସାବ ପ୍ରଦାନ। ସଦସ୍ୟା ମାନଙ୍କୁ ଜାତିଆଣ ଉଠାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ଘଟଣାକୁ ନେଇ ବିରୋଧ କରିଛନ୍ତି । ନୂତନ ସଭାପତି ଓ ସମ୍ପାଦକ ଚୟନ । ଆର୍ଥିକ ସ୍ୱଚ୍ଛତା ଦୃଷ୍ଟିରୁ ସରକାରଙ୍କର ମିଶନ ଶକ୍ତି ଅର୍ଥକୁ ସ୍ୱୟଂ ସହିକା ଗୋଷ୍ଠୀଆଗରେ ହିସାବ ପ୍ରଦାନ ଆଦି ୫ଦଫା ଦାବୀ ନେଇ ପଂଚାୟତର ଥିବା ବହୁ ସ୍ୱଂୟ ସ୍ୱାହିକା ଗୋଷ୍ଠୀର ମହିଳା ତରଫରୁ ବ୍ଲକ ଅଫିସ ସମ୍ମୁଖରେ ଧାରଣା ବସି ଥିବାର ଦେଖିବାକୁ ମିଳିଛି ।

# ବୁଡ଼ିଯାଉଛି ଆଦିମ ଜନଜାତି ମହ୍ଲାର ବଂଶ

## ସରକାରୀ ଯୋଜନାରେ ଏଯାଏଁ ସାମିଲ୍ ହୋଇନାହାନ୍ତି

କାଳିଆପାଣି : ବୁଡ଼ିଯାଉଛି ଆଦିମ ଜନଜାତି ମହ୍ଲାର ବଂଶ। ଯାଜପୁର ଜିଲ୍ଲାରେ କେବଳ ସୁକିନ୍ଦା ବ୍ଲକର ଉପାନ୍ତ ଇଲାକାରେ ଦେଖା ଯାଉଥିବା ଏହି ଜନଜାତି ଏବେ ବିଲୁପ୍ତ ପ୍ରାୟ। ଜିଲ୍ଲାରେ ଅନ୍ୟ ଜନଜାତିର ସଂଖ୍ୟାରେ ଅହେତୁକ ବୃଦ୍ଧି ପାଉଥିବାବେଳେ ଏହାର ସଂଖ୍ୟା ହ୍ରାସ ଏବେ ଚିନ୍ତାର କାରଣ ପାଲଟିଛି। ଗୋଟିଏ ପଟେ ସଂଖ୍ୟା ହ୍ରାସ ଏବଂ ଅନ୍ୟପଟେ ସରକାରୀ ଯୋଜନାରେ ସାମିଲ୍ ହୋଇନାହାନ୍ତି। ଫଳରେ, ଏକପ୍ରକାର ଦୁର୍ବିସହ ଜୀବନ ଜିଉଁଛନ୍ତି ଏହି ବଂଶର ଲୋକମାନେ। ସୂଚନା ଅନୁସାରେ, ୪୦ ଦଶକରେ ଅବିଭକ୍ତ କାଙ୍କଡ଼ପାଳ ପଞ୍ଚାୟତ(ଅଧୁନା ରାଁସୋଳ ପଞ୍ଚାୟତ) ଅଧୀନ ସୁକିନ୍ଦା କ୍ରୋମ୍ ଉପତ୍ୟକାର କେନ୍ଦ୍ରସ୍ଥଳରେ ଥିବା ମହ୍ଲାର ବସ୍ତିର ପରିବାର ସଂଖ୍ୟା ଥିଲା ୨୭। ୧୯୭୫ ମସିହା ବେଳକୁ ପରିବାର ସଂଖ୍ୟା ୫୦କୁ ଅତିକ୍ରମ କରିଥିଲା। ସେମାନଙ୍କ ସଂଖ୍ୟା ୨ଶହ ପାଖାପାଖି ଛୁଇଁଥିଲା। ତେବେ; ଯେବେଠାରୁ ମହ୍ଲାରସାହି ବସ୍ତି ସଂଲଗ୍ନ ଇଲାକା କ୍ରୋମ୍ ଗନ୍ତାଘର ଭାବେ ଚିହ୍ନଟ ହେଲା ଏବଂ ପରବର୍ତ୍ତୀ ସମୟରେ ସର୍ବେକ୍ଷଣ କରାଗଲା, ତା' ପରଠାରୁ ମହ୍ଲାର ବଂଶ ପ୍ରତି ବିପଦ ଦେଖାଦେଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ୧୯୬୦ ମସିହାରେ ଟାଟାଷ୍ଟିଲ କମ୍ପାନିକୁ ସୁକିନ୍ଦା କ୍ରୋମାଇଟ୍ ଖଣିର ଲିଜ୍ ମିଳିଥିଲା। ସୁକିନ୍ଦାଗଡ଼ର ତତ୍କାଳୀନ ରାଜା ପିତାମ୍ବର ଭୂପତି ହରିଚନ୍ଦନ ମହାପାତ୍ରଙ୍କଠାରୁ ଟାଟାଷ୍ଟିଲ କର୍ତ୍ତୃପକ୍ଷ ଲିଜ୍ ହାତେଇଥିଲେ। ପ୍ରଶାସନିକ କଳ ସହାୟତାରେ ପୁରୁଣା ମହ୍ଲାର ବସ୍ତି ଓ ସେମାନଙ୍କ ଚାଷଜମି ଉଚ୍ଛେଦ କରାଯାଇଥିଲା। ଫଳରେ, ମହ୍ଲାରମାନେ ପିଲାଛୁଆ ଧରି ଟାଟାଷ୍ଟିଲ ମେନ୍‌ଗେଟ୍ ଅପରପାର୍ଶ୍ୱକୁ ପଳାଇଥିଲେ। ସେମାନଙ୍କ ପୂର୍ବ ସମୟ କଥା ମନେପକାଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଧାରୀ ସାମଲ କୁହନ୍ତି, ସେମାନେ ସୁକିନ୍ଦା ରାଜାଙ୍କ ଅନୁମତି ନେଇ ଏହା ଆଖପାଖ ଇଲାକାରେ ଚାଷବାସ କରି ଭଲରେ ଚଳୁଥିଲେ। ଏପରିକି ମହ୍ଲାର ସଂପ୍ରଦାୟର ମୁଖିଆ ଭାବେ ଶୁକୁଟା ପ୍ରଧାନ, କାଶିଆ ପ୍ରଧାନ, ହରି ମହ୍ଲାର, ସୁରିଆ ମହ୍ଲାର, ଅନନ୍ତ ମହ୍ଲାର, ସଦା ମହ୍ଲାର, ସୁନ ମହ୍ଲାର, ଆରତି ମହ୍ଲାର ପ୍ରମୁଖଙ୍କର ବେଶ୍ ପ୍ରତିପତ୍ତି ରହିଥିଲା। ଏହାପରଠାରୁ ମହ୍ଲାରମାନେ ଏକପ୍ରକାର ସଂଘର୍ଷପୂର୍ଣ୍ଣ ଜୀବନ ଅତିବାହିତ କରିଥିବାବେଳେ ନବେ ଦଶକ ବେଳକୁ ସେମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏଥିପାଇଁ କେତେକ କାରଣ ଦାୟୀ ବୋଲି କୁହାଯାଉଛି। ପ୍ରଥମତଃ, ଅଧିକାଂଶ ମହ୍ଲାର ଯକ୍ଷ୍ମାରୋଗରେ ପୀଡ଼ିତ ହେଉଥିବାରୁ ଉପଯୁକ୍ତ ଚିକିତ୍ସା ଅଭାବରୁ ସେମାନେ ପ୍ରାଣ ହରାଉଛନ୍ତି। ଦ୍ୱିତୀୟତଃ, ସେମାନଙ୍କ ପାଖରୁ ଛଡ଼ାଇ ନିଆଯିବା ପରେ ଜଙ୍ଗଲରୁ ମହୁ, ଝୁଣା, ଦାନ୍ତକାଠି ସଂଗ୍ରହ ଏବଂ ଶୁଆ, ଶାରୀ, ମୟୂର, ବାରହା ଶାବକ ଆଦି ବିକ୍ରିକରି ବହୁକଷ୍ଟରେ ଚଳିଆସୁଥିଲେ। କ୍ରମଶଃ, ଜଙ୍ଗଲ ମୁହାଁ ହେବାରୁ ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ ହେଉଛନ୍ତି। ଫଳରେ, ଉପଯୁକ୍ତ ଖାଦ୍ୟ ଓ ଆନୁସଙ୍ଗିକ ଖାଦ୍ୟରୁ ବଂଚିତ ହୋଇ ଆସୁଛନ୍ତି। ପୁରୁଷପୁରୁଷ ଧରି ଭୂମିହୀନ ହୋଇ ରହିଥିଲେ ମଧ ଜଙ୍ଗଲ ଜମି ଅଧିକାର ଆଇନ(୨୦୦୬) ଓ ବସୁନ୍ଧରା ଯୋଜନାରୁ ବଞ୍ଚିତ ରହିଛନ୍ତି। କୌଣସି ଗୋଟିଏ ପରିବାର ଏଯାବତ୍ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖଣି ପ୍ରଭାବିତ ବିଜୁ ପକ୍କାଘର ଯୋଜନା କିମ୍ବା ମୋ' କୁଡ଼ିଆରେ ସାମିଲ ହୋଇନାହାନ୍ତି। ପଲାମରା କୁଡ଼ିଆରେ ଜରିପାଲ କିମ୍ବା ତାଳପତ୍ର ଢାଙ୍କି ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି। ସ୍ୱଳ୍ପ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି ସତ, ହେଲେ ମିଳୁଥିବା ସରକାରୀ ଚାଉଳ ଗଣ୍ଡାକ ସପ୍ତାହେ ବି ଯାଉନି। ଖାଦ୍ୟ ସମସ୍ୟା ପାଇଁ ସବଳ ମହ୍ଲାର ଦେଖିବାକୁ ମିଳନ୍ତି ନାହିଁ। ତୃତୀୟତଃ, ମହ୍ଲାର ସମ୍ପ୍ରଦାୟର ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ। ପିଢ଼ି ପରେ ପିଢ଼ି ନିରକ୍ଷର ରହିଛନ୍ତି। ସମସ୍ତ ମହ୍ଲାର ବାଲ୍ୟବିବାହ କରିଥାନ୍ତି। ମହିଳାମାନେ ଜନନୀ ସୁରକ୍ଷା ଓ ମମତା ଯୋଜନାର ଧାର୍ ଧାରିନାହାନ୍ତି। ୩ ଦଶନ୍ଧି ଧରି ବଂଶଜ ଶିଶୁମାନେ ଅପପୁଷ୍ଟିର ଶିକାର ହୋଇଆସିଛନ୍ତି। ଏସବୁକୁ ମହ୍ଲାର ସମ୍ପ୍ରଦାୟର ମୃତ୍ୟୁର କାରଣ ବୋଲି କୁହାଯାଉଥିବାବେଳେ ଏଯାବତ୍ ଜିଲ୍ଲା ଖଣିଜ ନ୍ୟାସ(ଡିଏମ୍‌ଏଫ୍) ପାଣ୍ଠିରୁ ଟଙ୍କାଟିଏ ବି ସେମାନଙ୍କ ପାଇଁ ଖର୍ଚ୍ଚ ହୋଇନଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ସଂପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ) ବୁଦ୍ଧଦେବ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ମହ୍ଲାରମାନଙ୍କ ଏବାଦୃଶ ଅବସ୍ଥା ନେଇ ସେ ଅବଗତ ନଥିବା କହିଥିଲେ। ସେମାନଙ୍କ ପରିସ୍ଥିତି ଓ ଚଳଣି ଅନୁଧ୍ୟାନ ପରେ ଯଥାଶୀଘ୍ର ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନ ସହାୟତାରେ ସେମାନଙ୍କ ଥଇଥାନ ଉଦ୍ୟମ କରାଯିବ ବୋଲି ଡିଡବ୍ଲ୍ୟୁଓ ଶ୍ରୀ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି।



## ଓଡିଶା ପତ୍ରକାର ସଂଘର ମିଶ୍ରଣ ପର୍ବ ଓ ବନ୍ଧୁମିଳନ



ଭବାନୀପାଟଣା, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସ୍ଥିତ ଇରିଗେସନ୍ ଆଇବି ଠାରେ ଓଡିଶା ପତ୍ରକାର ସଂଘର ମିଶ୍ରଣ ପର୍ବ ଓ ବନ୍ଧୁମିଳନ ରାଜ୍ୟ ସଂଗଠନ ସଭାପତି ଶ୍ରୀ ଅବିନାଶ ମିଶ୍ରଙ୍କ ସଭାପତିତ୍ୱେର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୦ରୁ ଉର୍ଦ୍ଧ ସାମ୍ବାଦିକ ଏହି ମିଶ୍ରଣ ପର୍ବରେ ଯୋଗଦେଇ ନିଜର ପରିଚୟ ଦେବା ସହ ମତାମୋତ ଦେଇଥିଲେ । ପ୍ରଥେମ ସଂଗଠନ ସମ୍ପକର୍ରେ ଆଲୋଚନା କରାଯିବା ସହିତ ସଂଗଠନକୁ ସୁଦୃଢ କରିବା ସହ ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ନିସ୍ପତି ନିଆଯାଇଥିଲା । ଏହି ମିଶ୍ରଣ ପବର୍ରେ ୨୦ରୁ ଅଧିକ ସଂଖ୍ୟକ ସାମ୍ବାଦିକ ଯୋଗଦେଇ ଓଡିଶା ପତ୍ରକାର ସଂଘର ନିତୀ ନିୟମକୁ ଆପଣାଇ ସଂଘକୁ ସୁଦୃଢ କରିବାକୁ ନିସ୍ପତି ନେଇଥିଲେ । ଆୟୋଜିତ ଏହି ବୈଠକରେ ଓଡିଶା ପତ୍ରକାର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ରାମଦାସ ଲିମା, ସାଂଗଠନିକ ସମ୍ପାଦକ କିଶୋର ଚନ୍ଦ୍ର ରଥ ଯୋଗେଦଇ ସଂଗଠନ ସମ୍ପକର୍ରେ ଆଲୋକପାତ କରିବା ସହ ସାମ୍ବାଦିକ ମାନ ସେମାନଙ୍କ ବିଭିନ୍ନ ସୁବିଧା କିପିରି ପାଇେବ ସେସମ୍ପର୍କରେ ପୁଂଖାନୁପୁଂଖ ଆଲୋଚନା କରିବା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କଥା ଉପେର ଶ୍ରୀ କିଶୋର ଚନ୍ଦ୍ର ରଥ ସୂଚନା ଦେଇଥିଲେ । ସେହିପରି ବଲାଙ୍ଗିର ଜିଲ୍ଲାର କଣ୍ଟାମାଞ୍ଜି ଓ ଟିଟିଲାଗଡ, କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ଯୋଗେଦଇଥିଲେ । ସଂଗଠନକୁ ଆଗକୁ ବଢାଇବା ପାଇଁ ଏକ ଆଡୋକ୍ କମିଟି କନେଭୟେନାର ଭାବେ ଦାୟିତ୍ୱ ଦିଆଯାଇଛି । ଆସନ୍ତା ସେପ୍ଟମ୍ବର ମାସ ପ୍ରଥମ ସପ୍ତାହେର କଳାହାଣ୍ଡି ଜିଲ୍ଲାରେ ଜିଲ୍ଲାସ୍ତରୀୟ ସମ୍ମିଳନୀ କରାଯିବାକୁ ମଧ୍ୟ ସ୍ଥିର କରାଯାଇଛି ।

## ଅବ୍ୟବସ୍ଥାରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡ଼ାକ୍ତରଙ୍କ ଅନୁପସ୍ଥିତିରୁ ରୋଗୀ ହନ୍ତସନ୍ତ

ଭଦ୍ରକ, ୧୨ ଜୁଲାଇ (ହି.ସ.) – ଭଦ୍ରକ ଜିଲା ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବହୁ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । କହିବାକୁ ଗଲେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଟି ମୁରବି ଶୂନ୍ୟ ହୋଇପଡ଼ିଛି । ରୋଗୀମାନେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଲେ ଆଉଟଡ଼ୋରରେ ଘଂଟାଘଂଟା ଧରି ଅପେକ୍ଷା କଲେ ସୁଦ୍ଧା କାର୍ଯ୍ୟରେ ନିୟୋଜିତ ଡ଼ାକ୍ତରଙ୍କ ଅନୁପସ୍ଥିତି ଦେଖିବାକୁ ମିଳୁଛି । ଅଭିଯୋଗ ଶୁଣିବାକୁ କେହିବି ନାହାନ୍ତି । ଯଦି ବି ଡ଼ାକ୍ତର ରୋଗିଙ୍କୁ ଦେଖିଲେ ତେବେ ନିରାମୟରୁ ଔଷଧ ନେବା ପରିବର୍ତେ ବାହାରୁ ଔଷଧ କିଣିବାକୁ ପ୍ରବର୍ତାଇବା ଅଭିଯୋଗ ହେଉଛି । ଡ଼ିଉଟି ଚାର୍ଟ ଅନୁସାରେ କେହିବି ଡ଼ିଉଟି କରୁଥିବା ଦେଖିବାକୁ ମିଳୁନି । ଦନ୍ତ ଚିକିତ୍ସା ନିମନ୍ତେ ନିୟୋଜିତ ଡ଼ାକ୍ତର ଏଠାକୁ ଖାଲି ଡ଼ିୟୁଟି ପକାଇବାକୁ ଆସୁଥିବାର ଅଭିଯୋଗ ହେଉଛି । କିଛିଦିନ ପୂର୍ବେ ଜନୈକ କର୍ମଚରୀଙ୍କ ଏହିପରି ମନମାନି ଯୋଗୁଁ ଡ଼ାକ୍ତରଖାନାରେ ନିୟୋଜିତ ବୋଲେରୋ ଗାଡ଼ି ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କ ଉପରେ ଚଢିଯାଇଥିଲା । ଆହତ ରୋଗୀ ଆଜିବି ଚିକିତ୍ସିତ ଅବସ୍ଥାରେ ଅଛନ୍ତି । ଇତି ମଧ୍ୟରେ ଆଗରପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଟିକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପାଇବାର ୩୦ବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରେ ଲାଗି ରହିଥିବା ଏହିପରି ବିଭିନ୍ନ ସମସ୍ୟାର ସମାଧାନ ପ୍ରତି ନିର୍ବାଚିତ ଲୋକ ପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ କେହି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ । ବ୍ଲକର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ କେବଳ ଏହି ବ୍ଲକର ୨୫ଗୋଟି ପଂଚାୟତ ବାସୀଙ୍କ ସମେତ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଓ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଅଧିକାଂଶ ପଂଚାୟତବାସୀମାନେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି । ଏହାକୁ ଆଖି ଆଗରେ ରଖି ସରକାର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ୨୦୧୬ ମସିହାରେ ଏଫଆରୟୁ ମାନ୍ୟତା ପ୍ରଦାନ କରିଥିଲେ । ଜିଲ୍ଲାରେ ୨ଗୋଟି ଏଫଆରୟୁ ମାନ୍ୟତା ପାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟିରୁ ଏହା ଅନ୍ୟତମ । ଏଠାରେ ପ୍ରକାଶ ଥାଉକି : ଶିଶୁ ବିଭାଗର ବିଶେଷଜ୍ଞ ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ର ଭାରାପ୍ରାପ୍ତ ଅଧିକାରୀ ଦାୟୀତ୍ୱରେ ରହିଥିବା ବେଳେ ସ୍ତ୍ରୀ ଓ ପ୍ରସୂତି, ଅସ୍ଥୋପଚାର ଓ ମେଡ଼ିସିନ ବିଭାଗରେ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି । ୪ଜଣ ଏମବିବିଏସ ଡ଼ାକ୍ତର ନିଯୁକ୍ତି ପାଇଥିବା ସ୍ଥଳେ ଆୟୁଷ ଡ଼ାକ୍ତର ଓ ଫାର୍ମାସିଷ୍ଟ ରୋଗୀ ସେବା କରୁଥିବାରୁ ରୋଗୀମାନେ ଠିକ୍ ଭାବେ ସେବା ପାଉନଥିବାର ଅଭିଯୋଗ ହେଉଛି । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସିବିସି ମେସିନ ଉପଲବ୍ଧ ଥିବା ବେଳେ କେଉଁ କାରଣରୁ ରୋଗୀ ମାନଙ୍କୁ ବାହାରେ ପରୀକ୍ଷା କରିବାକୁ କୁହାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ରହିଥିଲେ ସୁଦ୍ଧା ଏହାର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ । ସୁରକ୍ଷାକର୍ମୀ ନଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନାରେ ବାଇକ୍ , ସାଇକେଲ ରହିବା ଫଳରେ ଆମ୍ବୁଲାନ୍ସ କିମ୍ବା ଅନ୍ୟାନ୍ୟ ରୋଗୀ ଆସୁଥିବା ବାଇକ ଓ ଯାନବାହାନ ଗୁଡ଼ିକ ଯାଆଆସ କରିବାରେ ସମସ୍ୟା ସୃଷ୍ଟି ହେଉଛି । ଏହିପରି ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ରେ ଲାଗିରହିଥିବା ବିଭିନ୍ନ ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ନିଜ ମନମାନିରେ କାର୍ଯ୍ୟ କରୁଥିବା କର୍ମଚାରିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଅବସରରେ ଖୋର୍ଦ୍ଧା ନଗର ତରଫରୁ ପତାକା ଉତ୍ତୋଳନ



ଭୁବନେଶ୍ୱର, ୧୨/୦୭: ବିଶ୍ୱର ସର୍ବ ବୃହତ୍ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ୭୪ ତମ ପ୍ରତିଷ୍ଠା ଦିବସ ଓ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଅବସରରେ ଖୋର୍ଦ୍ଧା ନଗର ତରଫରୁ ପତାକା ଉତ୍ତୋଳନ କରିବା ସହ ସଦସ୍ୟତା ଅଭିଯାନ ଆରମ୍ଭ ହୋଇ ଯାଇଚ଼ି । ଏହି ପ୍ରତିଷ୍ଠା ଦିବସ ସଭା ରେ ସମ୍ମାନୀୟା ଅତିଥି ଭାବେ କ୍ଷେତ୍ର ବାସି ଡି.ଏ. ଭି. ମହାବିଦ୍ୟାଳୟ ର ଅଧାପିକା ଶ୍ରୀମତୀ ପ୍ରବୀଣା ପଟ୍ଟନାୟକ ଉପସ୍ଥିତ ରହି ଏବିଭିପି ର ପ୍ରତିଷ୍ଠା ସମ୍ବନ୍ଧ ରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ , ଏଥି ସହିତ ରାଷ୍ଟ୍ର ର ପୁନଃନିର୍ମାଣ ରେ ଛାତ୍ରଛାତ୍ରୀ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ପାଠ ପଢା ସହ ଛାତ୍ର ଛାତ୍ରୀ ମାନେ ନିଜ ମାତୃଭୂମି, ନିଜ ଦେଶ କୁ ଭଲ ପାଇବା ଆବଶ୍ୟକ ଓ କିଛି ସମୟ ରାଷ୍ଟ୍ର ହିତ ରେ ମଧ ଦେବା ପାଇଁ ଆହ୍ୱାନ କରିଥିଲେ ଏବଂ ମୁଖ୍ୟ ବକ୍ତା ଭାବେ ଶ୍ରୀ ରାମ ନାରାୟଣ ଦାସ ବିଦ୍ୟାର୍ଥୀ ପରିଷଦ ର ଲକ୍ଷ୍ୟ ଏବଂ ଆଦର୍ଶ ସମ୍ବନ୍ଧ ରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରି ଛାତ୍ର ଛାତ୍ରୀ ମାନଙ୍କ ମଧ ରେ ଦେଶ ପ୍ରେମ ର ଭାବ ଜାଗ୍ରତ କରିଥିଲେ ଏବଂ ବ୍ୟକ୍ତି ପରିବର୍ତ୍ତନ ରେ ରାଷ୍ଟ୍ରର ପରିବର୍ତ୍ତନ ସମ୍ଭବ ବୋଲି କହିଥିଲେ ॥ ଏହି ପ୍ରତିଷ୍ଠା ଦିବସ ସଭା ରେ ନଗର ସହ ସମ୍ପାଦିକା ସୁଶ୍ରୀ ଅନ୍ନପୂର୍ଣ୍ଣା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ ଏବଂ ରାଜ୍ୟ ସହ ସଂପାଦିକା ସୁଶ୍ରୀ ଦୀପ୍ତିମୟି ପ୍ରତିହାରୀ ଧନ୍ୟବାଦ୍ ଅର୍ପଣ କରି ସଭା ସମାପ୍ତ କରିଥିଲେ । ଅନ୍ୟାନ୍ୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ଶୋଭନ ରାଉତ ରାୟ, ବର୍ଷାରାଣି ସାହୁ , ସରସ୍ୱତୀ ଚିନାରା, ରୁଦ୍ର ନାରାୟଣ, ଓମ୍ ପ୍ରକାଶ ଆଦି ଉପସ୍ଥିତ ଥିଲେ ॥

## ୭୩ ତମ ବନମହୋତ୍ସବ ସପ୍ତାହ ପାଳନ



୭୩ ତମ ବନମହୋତ୍ସବ ସପ୍ତାହ ପାଳନର ୭ମ ତଥା ଅନ୍ତିମ ଦିବସରେ ଆଞ୍ଚଳିକ ବିକାଶ ପରିଷଦ ର ସଦସ୍ୟ ଏବଂ ସ୍ଥାନୀୟ ନେତୃବୃନ୍ଦ, ବୁଦ୍ଧିଜୀବୀ, ମହିଳା ଗୋଷ୍ଠୀଙ୍କ ସହଯୋଗରେ ଟିକରପଡା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଶାସନ ଗ୍ରାମରେ ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମାପନ କରାଗଲା । ଧନ୍ୟବାଦ ଜ୍ଞାପନ କରିଛନ୍ତି ପଂଚାୟତ ବାସି,ପରିଷଦର ସମସ୍ତ ସଦସ୍ୟ କେବଳ ବନମହୋତ୍ସବ ସପ୍ତାହରେ ୭୦୦ରୁ ଉର୍ଦ୍ଧ ବୃକ୍ଷରୋପଣ ସହିତ ଚଳିତ ବର୍ଷ ଆରମ୍ଭରୁ ଏପର୍ଯ୍ୟନ୍ତ ପ୍ରାୟ ୧୮୦୦ ବୃକ୍ଷରୋପଣ କରି ଅଞ୍ଚଳକୁ ସବୁଜ ସୁନ୍ଦର କରିବାପାଇଁ ପ୍ରୟାସ କରିଥିବାରୁ ।

# ସିଫାରେ ୨୨ତମ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

## ପରିବେଶ ସୁରକ୍ଷା ଓ ସ୍ୱଚ୍ଛ ଜଳରେ ମାଛ ଚାଷ କରି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ

ପିପିଲି,୧୨/୦୭ (ନି.ପ୍ର): ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କୌଶଲ୍ୟାଗଙ୍ଗ ସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା (ସିଫା) ଠାରେ ୨୨ତମ 'ଜାତୀୟ ମତ୍ସ୍ୟଚାଷୀ ଦିବସ' ସୋମବାର ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ରାଜ୍ୟର ୧୫ ଜଣ ମତ୍ସ୍ୟ ଚାଷୀ ଓ ମତ୍ସ୍ୟ ଉଦ୍ୟୋଗୀଙ୍କୁ ସମ୍ମାନୀତ କରାଯାଇଥିଲା। ମହାନ ମତ୍ସ୍ୟ ବୈଜ୍ଞାନିକ ଡ. କେ. ଏଚ୍. ଆଲିକୁନି ଏବଂ ପ୍ରଫେସର ହୀରାଲାଲ ଚୌଧୁରୀଙ୍କ ଦ୍ୱାରା ୧୦ ଜୁଲାଇ ୧୯୫୭ ମସିହାରେ ଉଦ୍ଭାବିତ 'ପ୍ରବର୍ତ୍ତିତ ପ୍ରଜନନ ଜ୍ଞାନକୌଶଳ' ସଂପର୍କରେ ଅତିଥିମାନେ ଆଲୋକପାତ କରିବା ସହ ଏହି ଉଦ୍ଭାବନ ଭାରତ ଓ ବିଦେଶରେ ମତ୍ସ୍ୟବିଜ୍ଞାନ ଇତିହାସରେ ଏକ ମାଇଲଖୁଣ୍ଟ ସୃଷ୍ଟି କରିଥିଲା ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସିଫା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସସ୍ମିତା ସାମନ୍ତ ଯୋଗଦେଇ ଜୈବିକ ମତ୍ସ୍ୟଚାଷ ସହିତ ପରିବେଶ ସୁରକ୍ଷା ଓ ସ୍ୱଚ୍ଛ ଜଳରେ ମାଛ ଚାଷ କରି ଉତ୍ପାଦନ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସିଫାରେ କାର୍ଯ୍ୟରତ ବୈଜ୍ଞାନିକଙ୍କ ଉତ୍ସର୍ଗୀକୃତ ରାଷ୍ଟ୍ର ସେବାକୁ ସେ ଉଚ୍ଚ ପ୍ରଶଂସା କରିବା ସହିତ କ୍ଷୁଦ୍ର ମତ୍ସ୍ୟଚାଷୀଙ୍କ ଲାଭ ପାଇଁ ନୂତନ ପଦ୍ଧତି ପ୍ରବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ମତ୍ସ୍ୟ ଓ ଜଳଜୀବ କ୍ଷେତ୍ରର ଯୋଜନା ଓ ସିଫେ (ମୁମ୍ବାଇ)ର ପୂର୍ବତନ କୁଳପତି ଡ. ଦିଲିପ କୁମାର ଯୋଗଦେଇ ସିଫା ଦ୍ୱାରା ପ୍ରବର୍ତ୍ତିତ 'ମତ୍ସ୍ୟସେତୁ ଆପ' କୃଷକମାନଙ୍କୁ ମତ୍ସ୍ୟ ପାଳନ, ରୋଗ, ଖାଦ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଠିକ ସୂଚନା ଦେଇପାରୁଛି ବୋଲି ପ୍ରକାଶ କରିଥିଲେ। ବୈଜ୍ଞାନିକମାନେ ଗବେଷଣା କୌଶଳକୁ ନୂତନ ଦୃଷ୍ଟିଭଂଗୀ ଦେଇ କୃଷକମାନଙ୍କର ସମସ୍ୟାର ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିଫାର ପୂର୍ବତନ ପ୍ରଧାନ ବୈଜ୍ଞାନିକ ଡଃ କେ. ଜେ. ରାଓ ଯୋଗଦେଇ କୃଷକ ମାନଙ୍କର କୌଶଳ ବୃଦ୍ଧି ପାଇଁ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ ଓ ସଂପ୍ରସାରଣ କାର୍ଯ୍ୟକ୍ରମକୁ ଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଫାର ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ଅଧକ୍ଷତା କରି ନିଜ ଅଭିଭାଷଣରେ ସମୟ ଉପଯୋଗୀ 'ପ୍ରବର୍ତ୍ତିତ ପ୍ରଜନନ ପ୍ରଣାଳୀ'ର ଉଦ୍ଭାବନ ମତ୍ସ୍ୟଚାଷକୁ ଭାରତ ଏବଂ ବିଦେଶରେ ଅଧିକ ଲୋକପ୍ରିୟ କରିପାରିଛି ବୋଲି କହିଥିଲେ। ଗତ ତିନି ଦଶନ୍ଧି ଧରି ମାଛ ଓ ଚିଙ୍ଗୁଡିର ପ୍ରଜନନ, ପାଳନ ଉପରେ 'ସିଫା' ବିଭିନ୍ନ ଗବେଷଣା ଜାରି ରଖିବା ସହ ନିଜର ଗବେଷଣାଲବ୍ଧ ଜ୍ଞାନକୁ କୃଷକ ଓ ମତ୍ସ୍ୟ ଉଦ୍ୟୋଗୀଙ୍କ ପାଖରେ ପହଞ୍ଚାଇ ପାରିଛି ବୋଲି ଡ. ସ୍ୱାଇଁ ପ୍ରକାଶ କରିଥିଲେ। ଏଫ୍‌ଆର୍ପି ପୋର୍ଟେବୁଲ ହାଚେରୀ, ବିଭିନ୍ନ ମାଛ ପାଇଁ ଖାଦ୍ୟ ପ୍ରସ୍ତୁତି, ରୋଗ ନିରୂପଣ କିଟ୍, ଜୟନ୍ତୀରୋହି, ସିଫା ବ୍ରୁଡ୍, ହାଇବ୍ରିଡ ଡିଟେକ୍ସନ କିଟ୍ ଉଦ୍ଭାବନ, ମତ୍ସ୍ୟସେତୁ ଆପ୍ ଓ ଅନ୍ୟାନ୍ୟ ଦରକାରୀ ଜ୍ଞାନକୌଶଳ ବିକାଶ କରିବାରେ ସିଫାର ଅବଦାନ ସଂପର୍କରେ ସେ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ, ଭାରତ ସ୍ୱାଧିନତାର ଅମୃତ ମହୋତ୍ସବ ପାଳନର ସ୍ମାରକୀ ସ୍ୱରୂପ ମତ୍ସ୍ୟଚାଷୀ ଦିବସର ବିଷୟବସ୍ତୁ "ଏମର୍ଜିଂ ଆକ୍ୱାକଲ୍‌ଚ଼ର ସିଷ୍ଟମ୍ ଏଣ୍ଡ୍ ପ୍ରାକ୍ଟିସେସ୍" ଶୀର୍ଷକ ଆଲୋଚନାଚକ୍ରରେ ବିଭିନ୍ନ ରାଜ୍ୟର ୨ଶହରୁ ଉର୍ଦ୍ଧ କୃଷକ ଭାଗ ନେଇଥିଲେ। ଏଥିରେ ମହିଳା କୃଷିଜୀବି, ଅଗ୍ରଣୀ କୃଷକ, କୃଷି ଉଦ୍‌ଯୋଗୀ ଓ ଓଡିଶା ସରକାରଙ୍କ ବିଭିନ୍ନ ଅଧିକାରୀ ଓ ସିଫା ବୈଜ୍ଞାନିକ ମାନଙ୍କ ମଧରେ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ରାଜ୍ୟର ୧୫ ଜଣ ମତ୍ସ୍ୟ ଚାଷୀ ଓ ମତ୍ସ୍ୟ ଉଦ୍‌ଯୋଗୀଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୬ଟି ପତ୍ରିକା ସମେତ କାର୍ପ ମାଛ ଖାଦ୍ୟ ଉପରେ ଏକ ଭିଡିଓ ଫିଲ୍ମ ଉନ୍‌ମୋଚିତ ହୋଇଥିଲା। ଶେଷରେ ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଜି. ଏସ୍. ସାହା ଧନ୍ୟବାଦ ଅର୍ପଣ କରିଥିଲେ।




Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima,
All legal matters subject to Rayagada Jurisdiction only
ସମ୍ପାଦକ: ରାମଦାସ ଲିମା